


**ପଶ୍ଚିମ ଓଡ଼ିଶାବାସୀ ପାଳିଲେ ନୂଆଁଖାଇ**

# ଧାର୍ଯ୍ୟ ଲଗ୍ନରେ ମା'ଙ୍କୁ ଲାଗିହେଲା ନବାନ୍ନ

ସମ୍ବଲପୁର,୨୦।୯ (ଶୁଭାଶିଷ ପାଢ଼ୀ)

ପଶ୍ଚିମ ଓଡ଼ିଶାବାସୀ ବୁଧବାର ଧୁମ୍‌ଧାମ୍‌ରେ ନୂଆଁଖାଇ ପାଳିଛନ୍ତି। ପ୍ରତି ଜିଲାରେ ନିଜ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲାଗି ପରେ ପରିବାର ଏକାଠି ହୋଇ ନୂଆଁ ଖାଇଥିଲେ। ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ନୂଆପଡ଼ା ଜିଲାର ଟାନୱାଟ କଣା ଭଇଁରା ଓ ସମଲେଇ, ବରଗଡ ଓ ଝାରସୁଗୁଡା ଜିଲାର ସମଲେଇ, ସୁନ୍ଦରଗଡ ଜିଲାର ଶିଖରବାସିନୀ ଓ ସମଲେଇ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀ ଓ ବୌଦ୍ଧ ଜିଲାର ଭୈରବୀଙ୍କ ପୀଠରେ ନବାନ୍ନ ଲାଗି ହୋଇଥିଲା। ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ସମେତ ଅଞ୍ଚଳର ଇଷ୍ଟ ଦେବଦେବୀଙ୍କଠାରେ ନିର୍ଦ୍ଧାରିତ ଲଗ୍ନରେ ନବାନ୍ନ ଲାଗି ହୋଇଥିଲା।

ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ ଲାଗି ପ୍ରତ୍ୟୁଷରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ପୂଜକମାନେ ମନ୍ଦିରରେ ପ୍ରାତଃ ପୂଜାନୀତି ସାରିବା ପରେ ଗମ୍ଭୀରା ଓ ପାର୍ଶ୍ୱ ଦେବଦେବୀଙ୍କ ନବାନ୍ନ ବିଧି ଆରମ୍ଭ ହୋଇଥିଲା। ବୁଧବାର ପୂର୍ବାହ୍ନ ୧୦ଟା ୨୭ରୁ ୧୦ଟା ୪୨ ମିନିଟ ମଧ୍ୟରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ପୂଜକ ଗଙ୍ଗାଧର ରାୟ ଓ ପ୍ରଶାନ୍ତ ରାୟଙ୍କ ଘରୁ ତଥା ଝାଡୁଆପଡ଼ାର ବେହେରା ପରିବାରରୁ ଦେବୀଙ୍କ ନବାନ୍ନ ଭୋଗ ଆସିଥିଲା। ଏହା ପରେ ମୁଖ୍ୟ ପୂଜକଙ୍କ ସହିତ ପ୍ରାୟ ୧୫ ଜଣ ପୂଜକ ଗମ୍ଭୀରା ଭିତରକୁ ଯାଇ ନବାନ୍ନ ଅର୍ପଣର ପ୍ରାକ୍ ପ୍ରସ୍ତୁତି କରିଥିଲେ। ନିର୍ଦ୍ଧାରିତ ଲଗ୍ନରେ ଦେବୀଙ୍କୁ ନୂଆ ଚାଉଳ, କ୍ଷିରୀ, ପିଠା, ସାରୁ ସାଗ ଆଦି ଭୋଗ ଲାଗି କରାଯାଇଥିଲା। ପୂଜକମାନେ ଗମ୍ଭୀରା ଭିତରୁ ବାହାରି ୧୧୫ ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରିଥିଲେ। ଏହା ପରେ ମାଁଙ୍କ ମହାଆଳତି କରାଯାଇଥିଲା। ମଧ୍ୟାହ୍ନରେ ସାଧାରଣ ଭକ୍ତଙ୍କ ପାଇଁ ଦେବୀଙ୍କ ଦର୍ଶନ ସକାଶେ ଉନ୍ମୁକ୍ତ କରାଯାଇଥିଲା। ଏଥର ଗାଁଠୁ ସହର ସର୍ବତ୍ର ନୂଆଁଖାଇର ଉତ୍ସୁକତା ଦେଖିବାକୁ ମିଳିଛି। ମହିଳାମାନେ ଝାଙ୍କର (ଗ୍ରାମଦେବୀଙ୍କ ପୂଜକ) ଦେଇଥିବା ନୂଆଁଧାନରୁ ପ୍ରସ୍ତୁତ ଅନ୍ନରୁ ପିଠାପଣା ଓ କ୍ଷୀରି ପ୍ରସ୍ତୁତ କରି ଦେବଦେବୀଙ୍କ ଠାରେ ଅର୍ପଣ କରିଥିଲେ।

ପ୍ରତ୍ୟୁଷରୁ ଚାଷୀ ପରିବାରର ମୁରବୀମାନେ କ୍ଷେତକୁ ଯାଇ ପୂଜା କରିଥିଲେ। ଦେବଦେବୀଙ୍କୁ ପୂଜାର୍ଚ୍ଚନା ସହ ବରିଷ୍ଠତମ ସଭ୍ୟଙ୍କଠାରୁ ପରିବାରର ସମସ୍ତେ ନୂଆଁ ଗ୍ରହଣ କରି ଭଗବାନଙ୍କୁ ପ୍ରଣିପାତ ଜଣାଇଥିଲେ। ଏହା ପରେ ନୂଆଁଖାଇ ଜୁହାର ଭେଟ୍ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ସମସ୍ତେ ସାର୍ବଜନୀନ ଜୁହାର୍‌ଭେଟ୍ ପାଇଁ ଗାଁଖୁଲି ଓ ପଡ଼ା ରାସ୍ତାକୁ ବାହାରିଥିଲେ। ସନ୍ଧ୍ୟାରେ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଝାଡୁଆପଡ଼ା ବଡ଼ଦୁଆରଠାରେ ଓଡ଼ିଶା ସାଂସ୍କୃତିକ ସମାଜ, ନନ୍ଦପଡ଼ା ଚିତ୍ରୋତ୍ପଳା ମଞ୍ଚଠାରେ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ, ମାନେଶ୍ୱର ମାନଧାତା ବାବା ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବନ୍ଦେ ଭାରତର ପୁରୀ-ରାଉରକେଲା ମଧ୍ୟରେ ଟ୍ରାଏଲ ରନ୍

ରାଉରକେଲା,୨୦।୯(ଦିନେଶ ମିଶ୍ର)

ପୁରୀ-ରାଉରକେଲା ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଟ୍ରାଏଲ୍ ରନ୍ ବୁଧବାର ସଫଳତା ସହ ସମ୍ପନ୍ନ ହୋଇଛି। ଏହା ସକାଳ ୫ଟାରେ ପୁରୀ ଷ୍ଟେସନ ଛାଡି ମଧ୍ୟାହ୍ନ ୧୨ଟା ୪୫ରେ ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବାର ଥିଲା। ମାତ୍ର ନିର୍ଦ୍ଧାରିତ ସମୟ ୧୮ମିନିଟ୍ ପୂର୍ବରୁ ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିଥିଲା। ଏହି ଟ୍ରେନ ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନମ୍ବର ୧ରେ ପହଞ୍ଚିବା ପରେ ସହରବାସୀ ତଥା ଯାତ୍ରୀଙ୍କ ମନରେ ଉତ୍ସାହ ଦେଖାଦେଇଥିଲା। ସହରରେ ଥିବା ବୁଦ୍ଧିଜୀବୀ, ସମାଜସେବୀ ଓ ରାଜନେତା ଷ୍ଟେଶନରେ ପହଞ୍ଚି ହାତରେ ତ୍ରିରଙ୍ଗା ଧରି ଏହି ଟ୍ରେନକୁ ଭବ୍ୟ ସ୍ୱାଗତ କରିଥିଲେ।

ଏହି ଟ୍ରେନ ରାଉରକେଲା ରେଳ ଷ୍ଟେଶନରୁ ଅପରାହ୍ନ ୨ଟା ୧୦ରେ ଛାଡି ପୁରୀ ଅଭିମୁଖେ ଯାତ୍ରା କରିଥିଲା। ରାଉରକେଲାରୁ ପୁରୀ ୫୦୫ କିଲୋମିଟର ଦୂରତାକୁ ୭ ଘଣ୍ଟା ୪୫ ମିନିଟ୍‌ରେ ଅତିକ୍ରମ କରିବ। ଏହି ଟ୍ରେନ ଶନିବାର ବ୍ୟତୀତ ସପ୍ତାହର ବାକି ୬ ଦିନ ଯାତ୍ରା କରିବ। ଏହି ଟ୍ରେନକୁ ସ୍ୱାଗତ କରିବା ପାଇଁ ରେଳୱେ ମଣ୍ଡଳ ପରିବହନ ନିରୀକ୍ଷକ(ଡିଟିଆଇ) ପି.କେ. ଜେନା, ଏରିଆ ରେଲୱେ ମ୍ୟାନେଜର (ଏଆର୍‌ଏମ୍) ଆର.କେ. ମହାନ୍ତି, ରେଲୱେ କମର୍ସିଆଲ ଇନ୍ସପେକ୍ଟର ତପନ କୁମାର ମଣ୍ଡଳଙ୍କ ସହ ଭାଜପା ବରିଷ୍ଠନେତା ଧୀରେନ ସେନାପତି, ନୀହାର ରାୟ, ଜଗବନ୍ଧୁ ବେହେରା, ଲତିକା ପଟ୍ଟନାୟକ, ସମାଜସେବୀ ସୁମନ ଦତ୍ତଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଏହି ଟ୍ରେନ ଗତ ୧୨ ତାରିଖରେ ପୁରୀ-ତାଳଚେର ରୋଡ ମଧ୍ୟରେ ପ୍ରଥମେ ଟ୍ରାଏଲ ରନ କରିଥିଲା। ଚଳିତ ମାସ ୨୩ରେ ରାଉରକେଲା ରେଳ ଷ୍ଟେଶନରୁ ଏହାର ଶୁଭ ଉଦ୍‌ଘାଟନ ହେବ ବୋଲି ଷ୍ଟେଶନ ମ୍ୟାନେଜର ପ୍ରଭାସ ରଞ୍ଜନ ଦାସ ସୂଚନା ଦେଇଛନ୍ତି।































































## ଆଜି କ'ଣ କେଉଁଠି

ଧର୍ମଶାଳା
- ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ଓ ଖୋଖୋ ପ୍ରତିଯୋଗିତା, ସ୍ଥାନ-ଯାଗୁଲାଇ ହାଇସ୍କୁଲ, କୋଟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।

# ବୁଲା ଗୋରୁଙ୍କ କବ୍‌ଜାରେ ଶିଳ୍ପାଞ୍ଚଳ ମୁଖ୍ୟରାସ୍ତା

## କଳିଙ୍ଗନଗରରେ ବଢୁଛି ଦୁର୍ଘଟଣା

କଳିଙ୍ଗନଗର,୨୦।୯ (ଶୁଭାଶିଷ ରାଉତ):

କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରତିଦିନ ହଜାରହଜାର ଗାଡ଼ି ଚଳାଚଳ କରୁଛି। ସଙ୍କୁଚିତ ଓ ଖାଲ ପୂର୍ଣ୍ଣ ରାସ୍ତା ସାଙ୍ଗକୁ ଦୟନୀୟ ମାନପୁର ରେଳ ଓଭରବ୍ରିଜ ପାଇଁ ଶିଳ୍ପାଞ୍ଚଳ ରାସ୍ତା ବ୍ୟବହାର କରୁଥିବା ଯାନବାହନ ଚାଳକ ପ୍ରତ୍ୟହ ଦୁର୍ଘଟଣାର ସାମ୍ନା କରୁଛନ୍ତି। ଏଭଳି ସ୍ଥିତିରେ ପରିସ୍ଥିତିକୁ ଦୁଇଗୁଣ ବଢ଼ାଇ ଦେଉଛି ରାସ୍ତା ଉପରେ ମାଳମାଳ ବୁଲା ଗୋରୁଙ୍କ ଗହଳି। ଶିଳ୍ପାଞ୍ଚଳରେ ଗୋରୁ ମାଲିକମାନେ ଗୁହାଳରୁ ଗୋରୁଙ୍କୁ ତଡ଼ି ଦେଇ ସେଠାରେ ଶ୍ରମିକଙ୍କ ରହିବା ପାଇଁ ଭଡ଼ା ଘର ପ୍ରସ୍ତୁତ କରିଛନ୍ତି। ଫଳରେ ଗୁହାଳ ନ ଥିବାରୁ ଗାଈ, ବଳଦ, ବାଛୁରି ଓ ଷଣ୍ଢ ରାଜରାସ୍ତାକୁ ନିଜର ଆଶ୍ରୟସ୍ଥଳ ଭାବେ ବାଛି ନେଇଛନ୍ତି। ଦିନତମାମ ଦଳଦଳ ହୋଇ ରାସ୍ତା ଉପରେ ଛିଡ଼ା ହେଉଥିବା ଗାଈପଲ ରାତିରେ ମଝି ରାସ୍ତାରେ ଶୋଇ ପଡୁଛନ୍ତି। ଫଳରେ ଅନେକ ସମୟରେ ଏହି କାରଣରୁ ଦୁର୍ଘଟଣାମାନ ଘଟୁଛି। ଏହି ପରିସ୍ଥିତି ମିଲିଟାରୀ ଛକଠାରୁ ପୂର୍ତ୍ତ ବିଭାଗ ରାସ୍ତାର ଦାନଗଦି ବଜାର, ସିଙ୍ଗାଡ଼ିଆ, ଖୁରୁଣ୍ଟି ଓ ବାରଗାଡ଼ିଆ ଛକ ନିକଟରେ ଦେଖିବାକୁ ମିଳୁଛି। ସେହିପରି ଟମକା ପଟକୁ ଲମ୍ବିଥିବା ପୂର୍ତ୍ତ ବିଭାଗ ରାସ୍ତାର ହାଟଛକରେ ମଧ୍ୟ ରାସ୍ତା ମଝିରେ ଗାଈ ପଲ ଭିଡ ଜମାଇ ଦୁର୍ଘଟଣାର କାରଣ ସାଜୁଛନ୍ତି। ଶିଳ୍ପାଞ୍ଚଳର ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ କୌଣସି ପୋଲିସ ବ୍ୟବସ୍ଥା ନ ଥିବା ବେଳେ ଗୋରୁଙ୍କୁ ରାସ୍ତାରୁ ଘଉଡ଼ାଇବା ପାଇଁ ମଧ୍ୟ ବ୍ୟବସ୍ଥା ନାହିଁ। ଧାତବ ଶିଳ୍ପର ରାଜଧାନୀଭାବେ ଏସିଆ ମହାଦେଶରେ ପରିଚୟ ଲାଭ କରିଥିବା ଏହି କଳିଙ୍ଗନଗର ଶିଳ୍ପାଞ୍ଚଳର ରାସ୍ତା ଉପରୁ ଗୋରୁ ପଲକୁ କିପରି ନିୟନ୍ତ୍ରଣ କରାଯିବ ସେଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।


ରାସ୍ତା ଉପରେ ଗୋରୁପଲ ବୁଲୁଛନ୍ତି।

## ରୋଟାରିଆନ ସୁଶାନ୍ତ ଜେନାଙ୍କ ଅକାଳ ବିୟୋଗ

ଯାଜପୁରରୋଡ୍,୨୦।୯(ପବିତ୍ର ରଞ୍ଜନ ମହାନ୍ତି)



ବ୍ୟାସନଗର ସହରର ସାମାଜିକ କର୍ମୀ, ଉପନିବନ୍ଧକଙ୍କ କାର୍ଯ୍ୟାଳୟର ମୋହରୀ ତଥା କଳିଙ୍ଗନଗର ରୋଟାରି କ୍ଲବ ସଦସ୍ୟ ରୋଟାରିଆନ ସୁଶାନ୍ତ ଶେଖର ଜେନା(୪୮)ଙ୍କ ବୁଧବାର ଭୋର ସମୟରେ ଅକାଳ ବିୟୋଗ ହୋଇଯାଇଛି। ସୋମବାର ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଯାଜପୁର ରୋଡ ସମେତ ବିଭିନ୍ନ ସଙ୍ଗଠନର ସଦସ୍ୟ ଭୁବନେଶ୍ୱରରେ ପହଞ୍ଚିଥିଲେ। ଜେନାଙ୍କ ମରଶରୀର ଆସି ଯାଜପୁର ରୋଡର ଆର୍ଯ୍ୟନ କ୍ଲବ ପରିସରରେ ପହଞ୍ଚିବା ପରେ କ୍ଲବ ପ୍ରାଙ୍ଗଣରେ ତାଙ୍କ ଶେଷ ଦର୍ଶନ ପାଇଁ ସମସ୍ତ ସଦସ୍ୟ, ରୋଟାରି କ୍ଲବର ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗ, ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଓ ଚୋରଦା ଗ୍ରାମର ଯୁବକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମରଶରୀରକୁ ଯାଜପୁର ରୋଡ ବାସଭବନକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ ଯାଜପୁର ରୋଡ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ମରଶରୀରକୁ ଶେଷ ଦର୍ଶନ ପାଇଁ ନିଆଯାଇଥିଲା। ସମସ୍ତ କର୍ମକର୍ତ୍ତା ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ତାଙ୍କ ମରଶରୀର ପୈତୃକ ଗ୍ରାମ କୋରେଇ ବ୍ଲକ ତାହାରପୁର ଗ୍ରାମରେ ପହଞ୍ଚିବା ପରେ ଶତାଧିକ ଗ୍ରାମବାସୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏହାପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବଡ଼ ଭାଇଙ୍କ ପୁଅ ଆଲୋକ ଜେନା ମୁଖାଗ୍ନି ଦେଇଥିଲେ। ତାଙ୍କ ଦୁଇ ଝିଅ ସାଇନା ସମିରନ, ସାଇ ସ୍ମୃତି ଏବଂ ସ୍ତ୍ରୀ ଅଞ୍ଜଳି ବେହେରା ଉପସ୍ଥିତ ଥିଲେ।


ଜାରକା ପ୍ରୟାଗ କଲ୍ୟାଣ ମଣ୍ଡପଠାରେ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

## 'ଗୋବିନ୍ଦର ଗାଆଁ' ପୁସ୍ତକ ଉନ୍ମୋଚିତ

ଧର୍ମଶାଳା,୨୦।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପଠାରେ ଡ. ରବିନାରାୟଣ ସାହୁଙ୍କ ଶିଶୁ ଗଳ୍ପ ସଙ୍କଳନ 'ଗୋବିନ୍ଦର ଗାଆଁ' ପୁସ୍ତକ ବୁଧବାର ଉନ୍ମୋଚିତ ହୋଇଯାଇଛି। ଉତ୍ସବକୁ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଉଦ୍‌ଘାଟନ କରି ଧର୍ମଶାଳା ଶିଶୁ ସାହିତ୍ୟର ଘଣ୍ଟାଘର ବୋଲି କହିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା ଯୋଗଦେଇ ଶିଶୁମାନଙ୍କ ମନକୁ ଛୁଇଁଲା ଭଳି ସରଳ ଭାଷାରେ ଶିଶୁ ସାହିତ୍ୟ ପ୍ରକାଶ ପାଇବା ଆବଶ୍ୟକ। କୌଣସି ଶିଶୁ ସାହିତ୍ୟ ପୁସ୍ତକରେ ଭୟ, ହିଂସା ଓ ଅଶ୍ଳୀଳ ଶବ୍ଦ ବ୍ୟବହାର କରାଯିବା ଅନୁଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟ ସ୍ରଷ୍ଟା ଡ. ରାଜକିଶୋର ପାଢ଼ୀ ଯୋଗଦେଇ ଶିଶୁ ସାହିତ୍ୟ ସାହିତ୍ୟର ପ୍ରଥମ ପାହାଚ ବୋଲି କହିଥିଲେ। ପୁସ୍ତକର ସମସ୍ତ ଗଳ୍ପକୁ ପଦ୍ମଜା ଶରଣ ସମୀକ୍ଷା କରିଥିବାବେଳେ ଡ. ସାହୁ ଲେଖକୀୟ ବକ୍ତବ୍ୟ ତଥା ନିଜ ଗାଁ ମାଟିର ଅନୁଭୂତି ବର୍ଣ୍ଣନା କରିଥିଲେ। ଆବାହକ କାହ୍ନୁଚରଣ ଦାଶ ଅତିଥି ପରିଚୟ ପ୍ରଦାନ କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ କଳାମାଣିକ ପ୍ରକାଶନିର ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଦେବେନ୍ଦ୍ର ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ମହେଶ୍ୱର ଜେନା ସାମନ୍ତ ଧନ୍ୟବାଦ ଦେଇଥିଲେ।

# ଡକାୟତି ଘଟଣାରେ ୪ ଗିରଫ

ଯାଜପୁର ଟାଉନ,୨୦।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଥାନା ଅଧୀନ ବାମଦେବପୁରଠାରେ ଗତ ଜୁନ ୭ରେ ଘଟିଥିବା ଡକାୟତି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାମବାଗ ମାଝିସାହି ଗ୍ରାମର ଆଲୋକ ମାଝି, କାହ୍ନୁଚରଣ ଯେନା, ସିଧେଶ୍ୱର ଅଞ୍ଚଳର ବ୍ରହ୍ମାଦତ୍ତ ସ୍ୱାଇଁ ଓ କମଳାକାନ୍ତ ସାହୁ। ସେମାନଙ୍କ ନିକଟରୁ ଗୋଟିଏ ସୁନା ଚେନ୍, ୪ ସୁନା ହାତ ମୁଦି, ୧ କାନଫୁଲ, ୩ ମଙ୍ଗଳ ସୂତ୍ର, ୨ ଶାଙ୍ଖୀ, ୧ ସିଲିଭର ଆଙ୍କଲୋଟ, ଗୋଟିଏ ଗୋଡ଼ ମୁଦି, ୧୦,୦୦୦ ଟଙ୍କା ଏବଂ ୪ ମୋବାଇଲ ଫୋନ୍ ଜବତ କରାଯାଇଛି। ଯାଜପୁର ଥାନା ଅଧିକାରୀ ଏସ୍‌ଡିପିଓଙ୍କ ଦ୍ୱାରା ଏକ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜବତ ସାମଗ୍ରୀ ମୂଲ୍ୟ ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ସୂଚନା ଦିଆଯାଇଛି। ବାମଦେବପୁର ଗ୍ରାମର ସୁଦୀପ ମହାରଣା ଓ ତାଙ୍କ ପରିବାର ଶୋଇଥିବା ସମୟରେ ଦୁର୍ବୃତ୍ତ ତାଙ୍କ ଘରୁ ସୁନା ଗହଣା ଏବଂ ଟଙ୍କା ଚୋରି କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।


ଗିରଫ ୪ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

## ଜାରକା ଗଣେଶ ପୂଜା କମିଟି ପକ୍ଷରୁ ବାଦୀପାଲା

ଧର୍ମଶାଳା,୨୦।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଶ୍ରୀଗଣେଶ ପୂଜା କମିଟି ପକ୍ଷରୁ ବାଦୀପାଲା ଆରମ୍ଭ ହୋଇଛି। ପ୍ରଥମ ଦଫାରେ ସୁଶ୍ରୀ ଉର୍ମିଳ ସାହୁ ଓ ସାଥୀମାନେ ପାଲା ପରିବେଷଣ କରିଥିବାବେଳେ ଦ୍ୱିତୀୟ ଦଫାରେ ଗାୟିକା ବାସନ୍ତୀ ବେହେରା ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗଦେଇ ପାଲା ଉପଭୋଗ କରୁଥିବା ଦେଖାଯାଇଛି।


କଳାକାରମାନେ ପାଲା ପରିବେଷଣ କରୁଛନ୍ତି।

## ଧର୍ମଶାଳା ପବ୍ଲିକ ସ୍କୁଲରେ +୨ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ

ଧର୍ମଶାଳା,୨୦।୯(ବଟକୃଷ୍ଣ ପରିଡ଼ା):

ଶଙ୍ଖାରୀଡିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲରେ ଚଳିତ ଥର ପାଇଁ +୨ ବିଜ୍ଞାନ ପାଠ୍ୟକ୍ରମ ଗଣେଶ ଚତୁର୍ଥୀ ଅବସରରେ ଆରମ୍ଭ ହୋଇଛି । ସିବିଏସ୍‌ସି ପ୍ୟାଟନରେ +୨ ପାଠ୍ୟକ୍ରମ ପାଇଁ ବିଭାଗ ତରଫରୁ ଅନୁମତି ମିଳିବା ପରେ ସ୍କୁଲରେ ଆନନ୍ଦର ଲହରି ଖେଳିଯାଇଛି। କାର୍ଯ୍ୟକ୍ରମରେ ସ୍କୁଲର ଅଧ୍ୟକ୍ଷ ଏସ୍.ତ୍ରିପାଠୀ ପୌରୋହିତ୍ୟ କରିଥିବା ବେଳେ ଅତିଥି ଭାବେ ପୂର୍ବତନ ଏମ୍‌ପି ରୀତା ତରାଇ, ଖବରଦାତା ରମାକାନ୍ତ ଜେନା, ଡା. ଶୁଭାଶିଷ ପାତ୍ର , ଇଂ. ପ୍ରାଚୀ ସାମଲ ଓ ବ୍ରହ୍ମବରଦା ଡିଗ୍ରୀ କଲେଜର ପୂର୍ବତନ ଅଧ୍ୟକ୍ଷ ନୃସିଂହ ନାୟକ ଯୋଗଦେଇଥିଲେ । କଲେଜର ପ୍ରତିଷ୍ଠାତା ଭିକାରୀ ଚରଣ ସାମଲ ସ୍ୱାଗତ ଭାଷଣ ଦେଇଥିଲେ । +୨ ନୂତନ ପାଠ୍ୟକ୍ରମ ଅନୁମୋଦନ ପାଇଁ ଅନୁଷ୍ଠାନ ପକ୍ଷରୁ କେକ୍ କଟାଯାଇ ସେଲିବ୍ରେଶନ କରାଯିବା ସହ ୫୦ ଗରିବ ଲୋକଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା ।

## ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସହାୟତା

ଧର୍ମଶାଳା,୨୦।୯(ବଟକୃଷ୍ଣ ପରିଡ଼ା):

ନୂଆଖାଇ ଅବସରରେ ବୁଧବାର ଜାରକା ରୋଟାରି ଓ ଇନରହୁଇଲ କ୍ଲବ ପକ୍ଷରୁ ଛତିଆସ୍ଥିତ ସେବକ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଛି। ଉଭୟ କ୍ଲବର ସଦସ୍ୟମାନେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଜରାଶ୍ରମ ଅନ୍ତେବାସୀଙ୍କୁ ଡାଲି, ଚୁଡା, ଖାଇବା ତେଲ, ଚାଉଳ, ବିସ୍କୁଟ ଓ ଫଳ ଆଦି ସହ ନୂତନ ବସ୍ତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସଭାପତି ବିପିନ ଷଡ଼ଙ୍ଗୀ, ସମ୍ପାଦକ ଜୟଗୁରୁ ପାତ୍ର, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଇନରହୁଇଲ କ୍ଲବ୍ ସଭାପତି ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ, ପୂର୍ବତନ ସଭାପତି ମାଧୁରୀ ଶତପଥୀ, କାଦମ୍ବିନୀ ମିଶ୍ର ଓ ଉପାସନା ଶତପଥୀ ପ୍ରମୁଖ ସହାୟତା କରିଥିଲେ।



ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଉଛି।

## ଟ୍ରକ୍ ଚୋରି ଅଭିଯୋଗ

ପାଣିକୋଇଲି,୨୦।୯(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ସଠିପୁର ମଧ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ସାମଗ୍ରୀ ବୋଝେଇ ଏକ ଟ୍ରକ ଚୋରି ହୋଇଛି। ଭଦ୍ରକ ଟାଉନଥାନା ଅଞ୍ଚଳର ଶୁଭକାନ୍ତ ବେହେରାଙ୍କ (ଓଡି-୦୫-ଏଏଚ୍-୧୬୩୮) ଟ୍ରକକୁ କେହି ଦୁର୍ବୃତ୍ତ ନେଇ ଯାଇଛନ୍ତି। ଗାଡ଼ି ଚୋରି ହୋଇଥିବା ଚାଳକଙ୍କ ପାଖରୁ ଜାଣି ଶୁଭକାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୨୫୮/୨୩ରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ପ୍ରକାଶ କୁମାର ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି।

# ନାବାଳିକାଙ୍କୁ ବିବାହ ଅଭିଯୋଗରେ ସ୍ୱାମୀ ଗିରଫ

### ନବ ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

■ ନିଜ ଆଡୁ ମାମଲା ରୁଜୁକଲା ପୋଲିସ

ଦଶରଥପୁର,୨୦।୯(ମନୋଜ ପୃଷ୍ଟି):

ଦଶରଥପୁର ବ୍ଲକ୍ ମଙ୍ଗଳପୁର ଥାନା ମଲ୍ଲିକାପୁର ପଞ୍ଚାୟତ ଦାଣ୍ଡିସାହି ଗ୍ରାମର ମୃତ୍ୟୁଞ୍ଜୟ ପତିଙ୍କ ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ମୃତ୍ୟୁଞ୍ଜୟ ନାବାଳିକାଙ୍କୁ ବିବାହ କରିଥିବା ଅଭିଯୋଗରେ ପୋଲିସ ନିଜଆଡୁ ମାମଲା ରୁଜୁକରି ବୁଧବାର ତାଙ୍କୁ କୋର୍ଟଚାଲାଣ କରିଥିବା ମଙ୍ଗଳପୁର ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି। ସେହି ଗ୍ରାମର ଗୌତମ ପଣ୍ଡାଙ୍କ ଝିଅଙ୍କୁ ମୃତ୍ୟୁଞ୍ଜୟ ଭଲପାଇ ବିବାହ କରିଥିଲେ। ବିବାହକୁ ୬ ମାସ ବିତି ନ ଥିବାବେଳେ ମଙ୍ଗଳବାର ସକାଳେ ଘରୁ ସନ୍ଦେହଜନକ ଭାବେ ମୃତ୍ୟୁଞ୍ଜୟ ସ୍ତ୍ରୀଙ୍କ ମୃତଦେହକୁ ପୋଲିସ୍ ଜବତ କରିଥିଲା। ମୃତଦେହ ଜବତବେଳେ ନାବାଳିକାଙ୍କ ମୁହଁରେ ମାଡ଼ ଦାଗଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ସେ ଘର ଛାଡ଼ି ପଳାଇ ଆସିଥିଲେ। ତେବେ ଏନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରି ନ ଥିବାରୁ ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତ୍ୟୁଞ୍ଜୟଙ୍କୁ ଅଟକ ରଖିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ସିଂହପୁର ବଜାର ରାସ୍ତାରେ ଜମୁଛି ବର୍ଷା ପାଣି

ସିଂହପୁର,୨୦।୯(ଅନଙ୍ଗ ଉଦୟ ବେହୁରିଆ):

ବିଞ୍ଝାରପୁର ବ୍ଲକର ପ୍ରମୁଖ ବ୍ୟବସାୟୀ କେନ୍ଦ୍ର ସିଂହପୁର ବଜାର ରାସ୍ତାରେ ବର୍ଷା ପାଣି ଲହଡ଼ି ମାରୁଛି। ସାମାନ୍ୟବର୍ଷାରେ ମଧ୍ୟ ପାଣି ଜମି ରହୁଛି। ବଜାରର ମୁଖ୍ୟ ରାସ୍ତାଠାରୁ ସିଂହପୁର ହାଇସ୍କୁଲ ଓ ଡାକଘର ରାସ୍ତାରେ ଦୀର୍ଘ ଦିନହେବ ଏହି ସମସ୍ୟା ଲାଗି ରହିଛି। ହେଲେ ଏହାର ପ୍ରତିକାର କରାଯାଉନି। ଫଳରେ ଲୋକେ ଏହି ଦୂଷିତ ପାଣିରେ ବାଧ ହୋଇ ଯାତାୟାତ କରୁଛନ୍ତି। ମୁଖ୍ୟତଃ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ବହୁ ହୀନସ୍ତା ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଆର୍‌ଡି ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ଅବସ୍ଥା ପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।


ସିଂହପୁର ବଜାର ରାସ୍ତାରେ ବର୍ଷା ପାଣି ଲହଡ଼ି ମାରୁଛି।

# ସାମ୍ବିଧାନିକ କ୍ଷମତା ପ୍ରଦାନ ଦାବି

## ରସୁଲପୁର ବ୍ଲକ ସରପଞ୍ଚ ସଂଘ କାର୍ଯ୍ୟକର୍ତ୍ତା ଚୟନ

ରସୁଲପୁର,୨୦।୯(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ସରପଞ୍ଚ ସଂଘ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ଏନେଇ ବାରବାଟୀସ୍ଥିତ ଜଳସେଚନ ବିଭାଗ ଡାକବଙ୍ଗଳାଠାରେ ବାରବାଟୀ ସରପଞ୍ଚ ଆୟୁଷମତି ଦାସଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଅଶୋକ କୁମାର ମଲିକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସରପଞ୍ଚମାନଙ୍କ କ୍ଷମତାକୁ ସଂକୁଚିତ କରାଯାଉଥିବା ନେଇ କ୍ଷୋଭପ୍ରକାଶ କରାଯାଇଛି। ତେଣୁ ସରପଞ୍ଚମାନଙ୍କୁ ପୂର୍ଣ୍ଣ ସାମ୍ବିଧାନିକ କ୍ଷମତା ପ୍ରଦାନ କରିବାକୁ ଦାବି କରାଯାଇଛି। ପରେ ବୈଠକରେ ସରପଞ୍ଚମାନେ ସେମାନଙ୍କ ପଞ୍ଚାୟତର ସମସ୍ୟା ଆଲୋଚନା କରିଥିଲେ। ଭତ୍ତା ବଣ୍ଟନଠାରୁ ଆରମ୍ଭ କରି ପ୍ରକଳ୍ପ ଚୟନ ପର୍ଯ୍ୟନ୍ତ ସରପଞ୍ଚମାନେ ଗୌଣ୍ୟ ମନେ କରୁଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ମାନେ ସରପଞ୍ଚଙ୍କ କଥା ମାନୁନାହାନ୍ତି। ଦୈନିକ ପଞ୍ଚାୟତ ଅଫିସ ଖୋଲୁନାହିଁ। ପଲ୍ଲିସଭା, ଗ୍ରାମସଭା ସ୍ୱପ୍ନ ପାଲଟିଲାଣି। ପଞ୍ଚାୟତ ବୈଠକ, ଷ୍ଟାଣ୍ଡିଂ କମିଟି ବୈଠକ ନିୟମତି ବସୁନାହିଁ। ପଞ୍ଚାୟତ ବୈଠକରେ ଲାଇନ ଡିପାର୍ଟମେଣ୍ଟର ପ୍ରତିନିଧିତ୍ୱ ରହୁନାହିଁ। ପଞ୍ଚାୟତକୁ ଆସୁଥିବା ସରକାରୀ ଚିଠି ଗୁଡ଼ିକ ଦରକାର ବେଳେ ମିଳୁନାହିଁ। ବିଲ୍ ପାସ କ୍ଷମତା ବିଡିଓଙ୍କ ହାତରେ ବନ୍ଧା ପଡିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ପିଇଓ ଓ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହୁଛି। ବିଲ ପ୍ରଦାନ ବେଳେ ସେମାନେ ନାନା ଆଳ ଦେଖାଇ ବିଲ୍ ପୈଠ କରିବାରେ ଅସୁବିଧା ସୃଷ୍ଟି କରୁଛନ୍ତି। କାମ ସରିବାର ମାସାଧିକକାଳ ବିତଯାଉଛି, ହେଲେ ବିଲ୍ ପ୍ରଦାନରେ ଟାଳଟୁଳନୀତି ଅବଲମ୍ବନ ଯୋଗୁ ସରପଞ୍ଚମାନେ ଅସୁବିଧାରେ ପଡୁଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଚୟନରେ ଟ୍ରାଙ୍ଗୁଲାର କମିଟିର ସଦସ୍ୟ ପିଇଓ, ଜିଆରଏସ ଓ ଜେଇ ମନମାନୀ କରୁଛନ୍ତି। ଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦେଇ ସରପଞ୍ଚମାନଙ୍କୁ ଅନ୍ଧାରରେ ରଖି ତାଲିକା ଚୂଡ଼ାନ୍ତ କରାଯାଉଛି। ସରପଞ୍ଚମାନଙ୍କ ଭତ୍ତା ୨୩୫୦ଟଙ୍କା ଏକ ଉପହାସ ବୋଲି କୁହଯିବା ସହ ଏହି ଭଳି ବହୁ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଏହାକୁ ମିଳିତ ଭାବେ ସରପଞ୍ଚମାନେ ବିରୋଧ କରିବାକୁ ଶପଥ ନେଇଛନ୍ତି। ଏ ଦିଗରେ ଏକ ଦାବିପତ୍ର ଧର୍ମଶାଳା, ବରୀ, କୋରେଇ ବିଧାୟକ, ଯାଜପୁର ଏମ୍‌ପି, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଓ ବିଡିଓଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକର ଦ୍ୱିତୀୟ ଅଧିବେଶରେ ସରପଞ୍ଚ ସଂଘ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ଅଶୋକ କୁମାର ମଲ୍ଲିକ, ସମ୍ପାଦକ ସୁରେନ୍ଦ୍ର କୁମାର ତିଆଡି, କୋଷାଧ୍ୟକ୍ଷ ସ୍ୱର୍ଣ୍ଣପ୍ରଭା ସାହୁ, ସହସମ୍ପାଦକ ଚନ୍ଦନ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ହୃଦାନନ୍ଦ ସାହୁ, ଉପସଭାପତି ପଦ୍ମିନୀ ସେଠୀ, ଝରଣା ପାତ୍ର, ମହେନ୍ଦ୍ର ଦାସ, ଆବାହକ ପ୍ରଶାନ୍ତ କୁମାର ଦାସ, କାର୍ଯ୍ୟକାରୀ କମିଟିକୁ ଧୃବାନନ୍ଦ ଦେଓ, ପର୍ଶୁରାମ ଦାସ, ରୁଦ୍ରନାରାୟଣ ମହାନ୍ତି, ପ୍ରଜ୍ଞାପରମିତା ମଲିକ, ସର୍ବେଶ୍ୱର ସାହୁ, ଆୟୁଷମତି ଦାସ, ଉପଦେଷ୍ଟା ମଣ୍ଡଳିକୁ ରାକେଶ ଦେଓ, ବିଜୟ କୁମାର ଘଡ଼ାଇ, ସୁରେଶ ଚନ୍ଦ୍ର ତରାଇ, ଅଶୋକ କୁମାର ସାହୁ, ଚତୃର୍ଭୁଜ ଦାସ, ପ୍ରତାପ କୁମାର ସାହୁ, ସେକ୍ ଇମାଉଦ୍ଦିନ, ରଞ୍ଜିତ ରାଉତ ଓ ନିହାର ରଞ୍ଜନ ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ସଂଘର କାର୍ଯ୍ୟପନ୍ଥା ଆସନ୍ତା ବୈଠକରେ ସ୍ଥିର କରାଯିବ ବୋଲି କୁହାଯାଉଛି।


ବୈଠକରେ ଉପସ୍ଥିତ ରସୁଲପୁର ବ୍ଲକ ସରପଞ୍ଚ ସଂଘ କାର୍ଯ୍ୟକର୍ତ୍ତା।

## ସଂକ୍ଷେପରେ

### ଗଜପତିରେ ୨୯.୪୬ମିମି ବର୍ଷା

ପାରଳାଖେମୁଣ୍ଡି,୨୦।୯ (ଗିରିଧାରୀ ପରିଛା): ଗଜପତି ଜିଲାରେ ଲଘୁଚାପ ଜନିତ କାରଣରୁ ଲଗାଣ ବୃଷ୍ଟିପାତ ହେବା ଯୋଗୁଁ ଜିଲାରେ ୨୩୫.୭ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ହାରାହାରି ବୃଷ୍ଟିପାତ ୨୯.୪୬ ମିମି ରହିଛି। ଜିଲାର ନୂଆଗଡ ବ୍ଲକରେ ସର୍ବାଧିକ ୯୦.୪ ମିମି ବର୍ଷା ହୋଇଥିବା ବେଳେ ଗୋସାଣି ବ୍ଲକରେ ସର୍ବନିମ୍ନ ୬ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ପାରଳାଖେମୁଣ୍ଡି ସହରରେ ୧୨.୮ମିମି, କାଶୀନଗର ବ୍ଲକରେ ୨୫.୦ମିମି, ରାୟଗଡରେ ୧୮.୦ମିମି, ଗୁମ୍ମାରେ ୨୦.୦ମିମି, ଆର ଉଦୟଗିରିରେ ୨୩.୩ ମିମି ଏବଂ ମୋହନାରେ ୪୦.୨ମିମି ବର୍ଷା ରେକର୍ଡ ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ରାସ୍ତା କଡ଼ରୁ ବୃଦ୍ଧଙ୍କ ମୃତଦେହ ଜବତ

ଖଲ୍ଲିକୋଟ,୨୦।୯(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସିଧାପଲ୍ଲୀ ଗ୍ରାମ ରାସ୍ତା କଡ଼ରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ମୃତ ଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ଖଲ୍ଲିକୋଟ ଥାନାକୁ ଖବର ଦେଇଥିଲେ। ଏସଆଇ ହିମାଂଶୁ ଶେଖର ପାତ୍ର, ଏସଆଇ ପାର୍ଥ ପ୍ରତିମ୍ ଦେବତା ଓ କନଷ୍ଟେବଲ ରୁଦ୍ର ପ୍ରସାଦ ଭଟ୍ଟମିଶ୍ର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଖଲ୍ଲିକୋଟ ମେଡିକାଲକୁ ପଠାଇଥିଲେ। ତେବେ ମୃତ ବୃଦ୍ଧ ଜଣଙ୍କ ତୁଳସୀପୁର ପଞ୍ଚାୟତ କଦଳୀ ବସନ୍ତ ଗ୍ରାମର ସଉରା ନାହାକ ବୋଲି ଜଣାପଡିଛି। ପରିବାର ଲୋକେ ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ସେପଟେ ପରିବାର ଲୋକେ ସଉରାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରୁଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଦେଖିବାକୁ ମିଳିଛି।

### ପାରଳା ଜଗନ୍ନାଥଙ୍କ ହୁଣ୍ଡିରୁ ୮,୧୫,୬୬୦ ଟଙ୍କା ସଂଗ୍ରହ

ପାରଳାଖେମୁଣ୍ଡି,୨୦।୯ (ଗିରିଧାରୀ ପରିଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ହୁଣ୍ଡି ଖୋଲାଯାଇ ସେଥିରୁ ୮ଲକ୍ଷ ୧୫ହଜାର ୬ଶହ ୬୦ ଟଙ୍କା ଟଙ୍କା ସଂଗୃହୀତ ହୋଇଛି। ଏହି ହୁଣ୍ଡିକୁ ସର୍ବସାଧାରଣରେ ଖୋଲାଯାଇ ବାହାରି ଥିବା ଟଙ୍କା ଓ ମୁଦ୍ରାଗୁଡିକୁ ପୃଥକ ଭାବେ ଗଣାଯାଇଥିଲା । ଏଥିରେ ସର୍ବ ମୋଟ ୮ଲକ୍ଷ ୧୫ହଜାର ୬ଶହ ୬୦ ଟଙ୍କା ଭକ୍ତ ତଥା ଶ୍ରଦ୍ଧାଳୁମାନେ ଦାନ କରିଥିବାର ଜଣାପଡିଛି । ଏହି ଟଙ୍କାକୁ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣରେ ବିନିଯୋଗ କରାଯିବ ବୋଲି ଜଗନ୍ନାଥ ସେବା ଦଳ ପକ୍ଷରୁ କୁହାଯାଇଛି। ହୁଣ୍ଡି ଟଙ୍କା ଗଣନା ବେଳେ ଦୁର୍ଗାମାଧବ ପାଣିଗ୍ରାହୀ, ତ୍ରିପତି ପାତ୍ର, ଏମ.ଅଶୋକ, ଚନ୍ଦ୍ରଶେଖର ପାଢୀ, ଶିଶିର କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ଜେନା, ବିନୋଦ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ଡିଜିଟାଲ ତାଲିମ

ଧରାକୋଟ,୨୦।୯(ବିଷ୍ଣୁକେଶରୀ ଆଚାର୍ଯ୍ୟ): ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକମାନେ କିପରି ଅବଗତ ହେବେ ସେ ନେଇ ବିଜୁ ଜନତା ଦଳ ତରଫରୁ ସକ୍ରିୟ ସଦସ୍ୟମାନଙ୍କୁ ଡିଜିଟାଲ ତାଲିମ ଶଙ୍ଖ ଭବନଠାରେ ଦିଆଯାଇଛି। ଧରାକୋଟ ବ୍ଲକ ଓ ସାନଖେମୁଣ୍ଡି ବ୍ଲକର ୨୦୦ ଜଣ ସକ୍ରିୟ ସଦସ୍ୟଙ୍କୁ ନେଇ ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।.ଟେକ୍ନୋଲୋଜି ମାଧ୍ୟମରେ ସୋସିଆଲ ମିଡ଼ିଆ ବ୍ୟବହାର କରି ପ୍ରଶିକ୍ଷଣ ଦେବା ସହ ତଥ୍ୟଭିତ୍ତିକ ଉତ୍ତର ଜରିଆରେ ବିରୋଧୀଙ୍କ ଅପପ୍ରଚାରକୁ ରୋକିବା ସହ ଉପଯୁକ୍ତ ଜବାବ ଦେବା ପାଇଁ କର୍ମୀଙ୍କୁ ତାଲିମ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସାନଖେମୁଣ୍ଡିର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଓ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ରହିଥିବା ବେଳେ ସାନଖେମୁଣ୍ଡି ବ୍ଲକର ଡିଜିଟାଲ ସେକ୍ରେଟାରୀ ଅମିତ ସାହୁ, ଧରାକୋଟ ବ୍ଲକର ଡିଜିଟାଲ ସେକ୍ରେଟାରୀ ସନାତନ ପଣ୍ଡା ଉପସ୍ଥିତ ରହିଥିଲେ।

# ଗଞ୍ଜାମରେ ୩୦ ପ୍ରତିଶତ ଧାନରୁଆ ହୋଇନି

## ୧.୪୬ ଲକ୍ଷ ଚାଷୀ ପଞ୍ଜୀକୃତ

ଛତ୍ରପୁର,୨୦।୯(ସନ୍ତୋଷ ପାଢୀ) ଗଞ୍ଜାମ ଜିଲାରେ ଗତ ୨ଦିନ ହେଲା ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି । ଚାଷକାର୍ଯ୍ୟ ପାଇଁ ଏହା ଭଲ ବୋଲି ଚାଷୀମାନେ କହୁଛନ୍ତି। ମାତ୍ର ଧାନଚାଷ ପାଇଁ ଯେଉଁ ସମୟରେ ବର୍ଷା ଓ ଜଳସେଚନର ଆବଶ୍ୟକତା ଥିଲା ତାହା ଅଭାବ ଦେଖାଦେଇଥିଲା । ଫଳରେ ଧାନଚାଷ ଜିଲାରେ ବାଧାପ୍ରାପ୍ତ ହୋଇଛି। ବିଶେଷକରି ଧାନରୁଆ ପାଇଁ ଶ୍ରାବଣ ମାସରେ ବର୍ଷା ଆବଶ୍ୟକ ଥାଏ। ହେଲେ ଭାଦ୍ରବରେ ଏହି ବର୍ଷା ହେଉଛି। ବର୍ଷା ଓ ଜଳସଚେନ ଅଭାବରୁ ଜିଲାର ୩୦ ପ୍ରତିଶତ ଜମିରେ ଧାନରୁଆ ହୋଇ ନ ଥିବା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି।

ଜିଲାର ଛତ୍ରପୁର, ଦିଗପହଣ୍ଡି, ଚିକିଟି, ସୋରଡା, ଭଞ୍ଜନଗର, ପାତ୍ରପୁର, ଶେରଗଡ ବ୍ଲକର କେତେକ ଅଞ୍ଚଳରେ ଏବେ ଚାଷ ଜମି ପଡିଆ ପଡିଥିବା କୁହାଯାଇଛି । ୧୫ ନଂ କେନାଲରେ ବର୍ଷାପାଣି ଆସିଲେ ଛତ୍ରପୁର ବ୍ଲକର ଚିକଲଖଣ୍ଡି, ଭିକାରୀପଲ୍ଲୀ ଓ ପୋଡାପଦର ପଞ୍ଚାୟତରେ ଧାନରୁଆ କାର୍ଯ୍ୟ ହୋଇଥାଏ । ଚଳିତବର୍ଷ ଗତ ମାସରେ ବର୍ଷା ଅଭାବ କାରଣରୁ ଉକ୍ତ କେନାଲରେ ପାଣି ଆସି ନଥିଲା। ତେଣୁ ଉକ୍ତ ଅଞ୍ଚଳରେ ହଜାର ହଜାର ଏକର ଜମି ପଡିଆ ପଡିଥିବା ଦେଖିବାକୁ ମିଳିଛି। ବର୍ଷା ଓ ଜଳସେଚନ ଅଭାବ ଲାଗି ଚଳିତବର୍ଷ ଜିଲାରେ ଧାନ ଉତ୍ପାଦନ କମିବା ନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଆଶଙ୍କା ପ୍ରକାଶ କରାଯାଇଛି । ଧାନଚାଷ କମିବା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ବୋଲି କୁହାଯାଇଛି । ଚଳିତବର୍ଷ ଧାନ ବିକିବା ପାଇଁ ଜିଲାର ୧ ଲକ୍ଷ ୪୬ ହଜାର ୫୪୧ ଜଣ ଚାଷୀ ଅନଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ଜିଲାର ୧୦୩ ପ୍ରାଥମିକ ସମବାୟ ସମିତି, ୧୦୩ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ଏହି ପଞ୍ଜୀକରଣ କରାଇଛନ୍ତି। ଏବେ ପଞ୍ଜୀକୃତ ଚାଷୀମାନଙ୍କ ଯାଞ୍ଚ ପ୍ରକ୍ରିୟା ଚାଲିଛି । ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ଖରିଫ୍ ଧାନ ବିକିବା ପାଇଁ ଜିଲାର ୧ ଲକ୍ଷ ୩୧ ହଜାର ଚାଷୀ ପଞ୍ଜୀକୃତ ହୋଇଥିଲେ । ସେଥିରୁ ୨୦ ହଜାର ଚାଷୀ ଧାନ ବିକି ପାରି ନ ଥିଲେ । ଠିକ୍ ସମୟରେ ସମିତିଗୁଡିକ ଧାନ କିଣି ନଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିଲା । ଧାନକିଣା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଉପରେ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି । ଚଳିତ ବର୍ଷ ଜୁଲାଇ ୧୫ରୁ ଅଗଷ୍ଟ ୨୩ତାରିଖ ପର୍ଯ୍ୟନ୍ତ ଧାନ ବିକିବା ପାଇଁ ଚାଷୀ ପଞ୍ଜୀକରଣ ଚାଲିଥିଲା। ଅନ୍ୟପକ୍ଷରେ ଗତବର୍ଷ ଧାନ ବିକିଥିବା ଆହୁରି ୩୪ ଜଣଙ୍କୁ ତାଙ୍କର ପ୍ରାପ୍ୟ ମିଳି ନ ଥିବା ମହାସଭା ପକ୍ଷରୁ ଅଭିଯୋଗ ହୋଇଛି।

# ଲଗାଣ ବର୍ଷାରେ ଧୋଇଗଲା ରାସ୍ତା

## ଅବହେଳା, ଅନିୟମିତତା ଲାଗି ଦିନକର ଦରମା ବନ୍ଦ



ମୋହନା,୨୦।୯(ମନ୍ମଥ ମିଶ୍ର): ଲଗାଣ ବର୍ଷାରେ ଧୋଇଗଲା ରାସ୍ତା। ଫଳରେ ୧୫ ଖଣ୍ଡ ଗାଁକୁ ଯାତାୟାତ ବାଧପ୍ରାପ୍ତ ହୋଇଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ୍ ଅନ୍ତର୍ଗତ କଟାମା ପଞ୍ଚାୟତ ତାଞ୍ଜୁର୍ବା ଗ୍ରାମ ନିକଟରେ। ଲଗାଣ ବର୍ଷା ହେବା ଫଳରେ ରାସ୍ତାର ଗୋଟିଏ ପାର୍ଶ୍ୱର ମାଟି ଧୋଇ ହୋଇ ବଡ ବଡ଼ ଗାତ ସୃଷ୍ଟି ହୋଇଛି। ଯାହାଦ୍ୱାରା କଟାମା ହାଇ ସ୍କୁଲ ଛକ ଠାରୁ ତାଞ୍ଜୁର୍ବା ଗ୍ରାମ ଦେଇ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀ ଗାଁକୁ ସଲଗ୍ନ କରୁଥିବା ପ୍ରାୟ ୧୫ଖଣ୍ଡ ଗାଁକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତାରେ ଯାନବାହନ ଯାତାୟାତ ବାଧାପ୍ରାପ୍ତ ହୋଇଛି। ତୁରନ୍ତ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ସରକାରଙ୍କ ପାଖରେ ଦାବି କରିଛନ୍ତି।

# ହାଇସ୍କୁଲ ହଷ୍ଟେଲ କାନ୍ଥ ଭୁଶୁଡ଼ିଲା

ପାରଳାଖେମୁଣ୍ଡି/ରାୟଗଡ, ୨୦।୯ (ଗିରିଧାରୀ ପରିଛା/ଜ୍ୟୋତିପ୍ରକାଶ ପାଣି): ଗଜପତି ଜିଲାରେ ଗତ ଦୁଇଦିନ ଧରି ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଛି। ବର୍ଷା ପ୍ରଭାବରେ ଜିଲାର ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ଅପଗ୍ରେଡ ଆବାସିକ ଉଚ୍ଚ ବିଦ୍ୟାଳୟ ହଷ୍ଟେଲର କାନ୍ଥ ଭୁଶୁଡି ପଡିଛି। ୪୦ ଜଣ ଛାତ୍ର ବିପଦସଂକୁଳ ଅବସ୍ଥାରେ ଭଙ୍ଗା କୋଠରୀରେ ରହିଛନ୍ତି। ଗଣେଶ ପୂଜା ଅବସରରେ ଧୁମଧାମରେ ଛାତ୍ରମାନେ ପୂଜାର ଆୟୋଜନ କରିଥିଲେ। କିନ୍ତୁ ଲଗାଣ ବର୍ଷା ଯୋଗୁଁ କୋଠରୀର କାନ୍ଥ ଭୁଶୁଡି ପଡ଼ିଥିଲା। ତେବେ ଏକ ନିଶ୍ଚିତ ବିପଦରୁ ଛାତ୍ରମାନେ ରକ୍ଷା ପାଇଯାଇଥିଲେ। ଏହି ବିଦ୍ୟାଳୟ ୧୯୬୦ ମସିହାରେ ନିର୍ମିତ ହୋଇଥିବା ବେଳେ ଏହାର ଠିକ ରକ୍ଷଣାବେକ୍ଷଣ ପାଇଁ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ନିବେଦନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଛାତ୍ରଙ୍କ ସୁରକ୍ଷା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଯଦି ପଦକ୍ଷେପ ନେଇ ବିଦ୍ୟାଳୟର ପୁନଃ ଗଠନ କାର୍ଯ୍ୟ ନ କରନ୍ତି ତେବେ କମିଟି ପକ୍ଷରୁ ବିଦ୍ୟାଳୟରେ ତାଲା ପକାଯିବ ବୋଲି କହିଛନ୍ତି।



ଭୁଶୁଡ଼ିପଡ଼ିଥିବା ସ୍କୁଲ କାନ୍ଥ।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଫିରିଙ୍ଗିଆ,୨୦।୯(ବିକ୍ରମ ଦିଗାଲ) ଫିରିଙ୍ଗିଆ ବ୍ଲକ ସହରରେ ହେଉଥିବା ସାର୍ବଜନୀନ ଦୁର୍ଗା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶଙ୍ଖକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଫିରିଙ୍ଗିଆ ବଣିକ ସଙ୍ଘର ସଭାପତି ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାଉସୀ ମା ମାର୍କେଟ ପୂଜା କମିଟିର ସଭାପତି କଂସଦେବ ସାହୁ, ସମ୍ପାଦକ ସଞ୍ଜୟ କୁମାର ଡିଗାଲ, ରାଜନୀତିଜ୍ଞ କୈଳାସ ମୁଖିଙ୍କ ସହ ବଣିକ ସଙ୍ଘ ସମ୍ପାଦକ ବାଳକୃଷ୍ଣ କୁଣ୍ଡି, ସହ ସମ୍ପାଦକ ଅଜିତ କୁମାର ସାହୁ, ସିମାଞ୍ଚଳ ଶାଶମଲ, ପୁର୍ଣ୍ଣଚନ୍ଦ୍ର ଦିଗାଲ, ସାଗର ସାହୁ ଓ ପ୍ରଦିପ ସାହୁ, ମାଉସୀ ମା' ମାର୍କେଟ ପୂଜା କମିଟିର ବରିଷ୍ଠ ଉପଦେଷ୍ଟା ଆମ୍ବୁଆ ଥାଟି, ଫିରିଙ୍ଗିଆ ପଞ୍ଚାୟତର ନାଏକ ସରପଞ୍ଚଙ୍କ ପ୍ରତିନିଧି ଉଦ୍ଧବ ବିଶୋଇଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସର୍ବ ସମ୍ମତ୍ତି କ୍ରମେ ପୂଜା କମିଟିର ସଭାପତି ଭାବରେ ରାଜନୀତିଜ୍ଞ ତଥା ସମାଜ ସେବି କୈଳାସ ମୁଖିଙ୍କୁ ସଭାପତି ଭାବରେ ଚୟନ କରାଯାଇଥିବା ବେଳେ ନାଏବ ସରପଞ୍ଚଙ୍କ ପ୍ରତିନିଧି ଉଦ୍ଧବ ବିଶୋଇଙ୍କୁ ଉପ ସଭାପତି ଭାବରେ ଚୟନ କରାଯାଇଥିଲା ।

# ଜାପେଟାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା ।

ବେଗୁନିଆପଡ଼ା,୨୦।୯(ସୁଶାନ୍ତ କୁମାର ପଟ୍ଟନାୟକ) ବେଗୁନିଆପଡ଼ା ବ୍ଲକ କାଳିମେଘି ପଞ୍ଚାୟତ ଜାପେଟା ଗ୍ରାମରେ ମଙ୍ଗଳବାର ଭାଜପା ପକ୍ଷରୁ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପାର କର୍ମକର୍ତ୍ତାମାନେ ଦେଶ ଜାତି ପାଇଁ ପ୍ରାଣବଳୀ ଦେଇଥିବା ବୀର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଘରକୁ ଯାଇ ସେମାନଙ୍କ ଘର ଅଗଣାରୁ ମାଟି ସଂଗ୍ରହ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ମାଟି ସଂଗ୍ରହ କରାଯାଇ ଦିଲ୍ଲୀଠାରେ ନିର୍ମାଣ ଚାଲିଥିବା ଅମୃତବାଟିକାକୁ ପ୍ରେରଣ କରାଯିବ। ବରିଷ୍ଠ ଭାଜପା ନେତା ପ୍ରତାପ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଣ୍ଡିଆ ମଣ୍ଡଳ ସଭାପତି ଶ୍ରୀକାନ୍ତ ପଣ୍ଡା, କବିସୂର୍ଯ୍ୟନଗର ନେତା ଶ୍ରୀକାନ୍ତ ମହାପାତ୍ର, ମନୋଜ ପଲେଇ, ଅଭି ପ୍ରଧାନ, ୱାର୍ଡ ସଭ୍ୟ ସନ୍ୟାସୀ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ରାକେଶ ପ୍ରଧାନଙ୍କ ସମେତ ବହୁ ମହିଳା ପୁରୁଷ ଯୋଗ ଦେଇଥିଲେ।

# 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ



ପଞ୍ଚାୟତ ସଭାପତିଙ୍କ ସହିତ ସତାଧିକ ମହିଳା ପୁରୁଷ ମାଟି ସଂଗ୍ରହ କରିବାକୁ ଯାଉଛନ୍ତି।

ମୋହନା,୨୦।୯(ମନ୍ମଥ ମିଶ୍ର): ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରସାଦ ନଡ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଗଜପତିଜିଲା ମୋହନା ନିର୍ବାଚନ ମଣ୍ଡଳୀର ଲିଲିଗଡ ବୁଥ୍‌ରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ବିଭୀଷଣ କାର୍ଯୀଙ୍କ ସହିତ ସତାଧିକ ମହିଳା ପୁରୁଷ କର୍ମୀ ଯୋଗଦେଇ ଘର ଘର ବୁଲି ମାଟି ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର କୁମାର ବେହେରା ମୋ ମାଟି ମୋ ଦେଶ ଉପରେ ଲୋକଙ୍କୁ ବୁଝାଇଥିଲେ ଏବଂ ମୋହନା ବିସ୍ତାରକ ଆଦିତ୍ୟ କଅର ସମାରୋପ କରିଥିଲେ।

# ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ

ଦିଗପହଣ୍ଡି,୨୦।୯(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି-ପୋଡାମାରୀ ରାସ୍ତାରେ ଥିବା ସୀମାଞ୍ଚଳ ଗୌଡ଼ଙ୍କ ଘରେ ବୁଧବାର ବିଦ୍ୟୁତ୍ ସଟ୍ ସର୍କିଟ୍‌ରୁ ନିଆଁ ଲାଗିବାରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତି ନଷ୍ଟ ହୋଇଛି। ଅଗ୍ନିକାଣ୍ଡ ବେଳେ ପରିବାର ଲୋକେ ଅନୁପସ୍ଥିତ ଥିବାରୁ ନିଆଁକୁ ଆୟତ କରିପାରିନଥିଲେ। ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ପ୍ରଫୁଲ୍ଲ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

# ବିପଦ ସାଜିଛି ଆମ୍ବଖାଲିଆ ଘାଟି ରାସ୍ତା

## ଭୂସ୍ଖଳନ ସହ ଭୁଶୁଡିଯାଉଛି ଗାର୍ଡ ୱାଲ

ଦାରିଙ୍ଗବାଡି, ୨୦।୯ (ଅରୁଣ ସାହୁ) ଦାରିଙ୍ଗବାଡି ଦେଇ ଯାଇଥିବା ଗୋପାଳପୁର ଠାରୁ ରାଇପୁର ଜାତୀୟରାଜପଥର ଏକାଧିକ ସ୍ଥାନରେ ଗାର୍ଡ ୱାଲ ଭୁଶୁଡି ଯାଇଛି ତାକୁ ମରାମତି ଆରମ୍ଭ ହୋଇଥିବା ବେଳେ ପୁଣି ଗୋଟିଏ ସ୍ଥାନରେ ଭୁଶୁଡିଯାଇଛି। ଅନେକ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବାରୁ ଭୁଶୁଡିବା ଆଶଙ୍କା କରାଯାଇଛି । ଏହାକୁ ଠିକା ସଂସ୍ଥା ପକ୍ଷରୁ ମରାମତି ଆରମ୍ଭ କରାଯାଇଛି। ଅତି ନିମ୍ନ ମାନର କାର୍ଯ୍ୟ ଯୋଗୁ ନିର୍ମାଣର ମାତ୍ର ୬ ମାସ ମଧ୍ୟରେ ଗାର୍ଡ ୱାଲ ଭୁଶୁଡି ପଡ଼ିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଉକ୍ତ ରାଜପଥର ବାଲିଗୁଡାଠାରୁ ଦାରିଙ୍ଗବାଡି ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଗତ କିଛିଦିନ ହେଲା ସମ୍ପୂର୍ଣ୍ଣ ହୋଇଥିଲା। ଏହି ରାଜପଥର ଆମ୍ବଖାଲିଆ ଘାଟିରେ ଗାର୍ଡ ୱାଲ କାର୍ଯ୍ୟ ଶେଷ ହେବାର ମାତ୍ର ୬ ମାସ ହୋଇନି ଚଳିତ ଲଘୁଚାପ ଜନିତ ବର୍ଷାରେ ଏକାଧିକ ସ୍ଥାନରେ ଭୁଶୁଡିପଡିଛି। ଆହୁରି ଅନେକ ସ୍ଥାନ ଏବେ ଭୂସ୍ଖଳନ ଭୟ ସହ ୱାଲ ଭୁଶୁଡିଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଫଳରେ ଏହି ବିପଦପୂର୍ଣ୍ଣ ରାସ୍ତାରେ ଲୋକେ ଯାତାୟତ କରିବାକୁ ଭୟ କରୁଛନ୍ତି।

# ୨୦ ଚାଷୀଙ୍କୁ ମାଛ ଯାଆଁଳ ପ୍ରଦାନ

ଫୁଲବାଣୀ, ୨୦।୯(ରାକେଶ କୁମାର ରାଉତ) ଆଦିବାସୀମାନଙ୍କ ଜୀବନ ଜୀବିକାର ବିକାଶକୁ ଦୃଷ୍ଟିରେ ରଖି ସ୍ୱାତୀ ଓ ଆମ୍ବା ଦ୍ୱାରା ପରିଚାଳିତ ସମନ୍ୱିତ କୃଷି ମାଧ୍ୟମରେ ଲଗାତର ଅଭିନବ ପ୍ରୟାସ ଜାରି ରହିଛି । ମୁଖ୍ୟତ ରାଇକିଆ ବ୍ଲକରେ ଚାଷିଙ୍କୁ ଟ୍ରେଲିସ ପଦ୍ଧତିରେ ପନି ପରିବା ଚାଷ, ଦେଶି କୁକୁଡ଼ା, ବତକ ଓ ଛେଳି ଚାଷ କରିବା ସହିତ ମାଛ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ଯାହା ଚାଷୀ ମାନଙ୍କ ରୋଜଗାରକୁ ଦ୍ୱଗୁଣିତ କରିବ। ଏହି ପରିପ୍ରେକ୍ଷୀରେ ବ୍ଲକର ରଣବା ପଞ୍ଚାୟତ ବଡଗ ଓ କୋନସୁର ଗ୍ରାମରେ ୨୦ ଜଣ ଚାଷୀଙ୍କୁ ମାଛ ଯାଆଁଳ ପ୍ରଦାନ କରାଯାଇଛି। ମାଛ ଚାଷ କରି ସମନ୍ୱିତ କୃଷିକୁ ଆଗେଇନବା ସହିତ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ମତ୍ସ୍ୟ ଅଧିକାରିଣୀ ରୋଜାଲିନୀ ଦାସ, ମତ୍ସ୍ୟ ଜାଆଁଳ କେନ୍ଦ୍ର ପରିଚାଳକ ଅଜିତ କୁମାର ବେହେରା, ସ୍ୱାତୀ ପ୍ରକଳ୍ପ ସଂଯୋଜକ ବିଶ୍ୱଜିତ ବେହେରା ଉପସ୍ଥିତ ରହି ହିତାଧିକାରୀଙ୍କୁ ମତ୍ସ୍ୟ ଚାଷ ଉପରେ ବିଭିନ୍ନ କୌଶଳ ପ୍ରଦାନ କରିଥିଲେ । ଆଗାମୀ ଦିନରେ ବହୁ ଯୁବ ଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ରଖାଯାଇଛି। ହୃଷିକେଶ ଆମାୟତ, ମିନାକ୍ଷୀ ଦାସ, ପୁଷ୍ପାଞ୍ଜଳି ମୁଣ୍ଡା, ଦିଲୀପ ପ୍ରଧାନ, ସଞ୍ଜୟ କୁମାର ରଣା, ପ୍ରିତିଶ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କୌଶଳ ଦୀକ୍ଷାନ୍ତ ସମାରୋହ




ସମାରୋହରେ ଉପସ୍ଥିତ ଅତିଥି।

ବେଲଗୁଣ୍ଠା,୨୦।୯( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କବିରାଜପୁର ସ୍ଥିତ ବୁଢାକେନ୍ଦୁ ଶିଳ୍ପ ତାଲିମ କେନ୍ଦ୍ରରେ କୌଶଳ ଦୀକ୍ଷାନ୍ତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ତାଲିମ୍ କେନ୍ଦ୍ରର ସଭାପତି ଦେବେଶ ଚନ୍ଦ୍ର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବଭାରତୀୟ ଟ୍ରେଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ତାଲିମ ଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ବର୍ଷ ଛାତ୍ରମାନଙ୍କ ମଧ୍ୟରୁ ଟ୍ରେଡ ଟପ୍ପର ସଞ୍ଜୟ କୁମାର ସ୍ୱାଇଁଙ୍କୁ ସମ୍ପାଦକ ଚିତ୍ତରଞ୍ଜନ ରଥ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଏଥି ସହିତ ପ୍ରଥମ ବର୍ଷର ଛାତ୍ରମାନଙ୍କ ମଧ୍ୟରୁ ଟ୍ରେଡ ଟପ୍ପର ଗଣେଶ ସ୍ୱାଇଁଙ୍କୁ ଏକାଡ଼େମିକ୍ ଅଧିକାରୀ ରମେଶ ଚନ୍ଦ୍ର ମହପାତ୍ର ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ତାଲିମ ଅଧିକାରୀ ଯଥାକ୍ରମେ ସନ୍ତୋଷ କୁମାର ପାଢୀ ଏବଂ ସୁରେଶ କୁମାର ଗୌଡ଼, ସୁଶାନ୍ତ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କାରିଥିଲେ।

# ହୋଲ୍‌ଡିଂ ଟ୍ୟାକ୍ସ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଶୁଣାଣି ବନ୍ଦ ଦାବି

ଫୁଲବାଣୀ, ୨୦।୯(ରାକେଶ କୁମାର ରାଉତ) ଫୁଲବାଣୀ ପୌର ପରିଷଦର ହୋଲଡିଂ ଟ୍ୟାକ୍ସ ସଂଗ୍ରହ ପୂର୍ବରୁ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନକୁ ସଂଶୋଧନ କରିବାକୁ ଜିଲା ମିଳିତ ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ଫୁଲବାଣୀ ପୌର ପରିଷଦ ପକ୍ଷରୁ ହୋଲଡିଂ ଟ୍ୟାକ୍ସ ବଢାଇବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୧୮ରେ ଫୁଲବାଣୀ ପୌର ପରିଷଦକୁ ଚିଠି କରାଯାଇଥିଲା। କିନ୍ତୁ ଜନସାଧାରଣଙ୍କ ମତାମତ ଲୋଡା ଯାଇ ନ ଥିଲା। ମୂଲ୍ୟାୟନ ଟିମ ମନ ଇଚ୍ଛାରେ ପୂର୍ବରୁ ଦେଆ ଯାଉଥିବା ଟିକସର ୨୦ରୁ ୩୦ ଗୁଣରୁ ଅଧିକ ଟିକସ ବୃଦ୍ଧି ଆଦାୟ ସୁପାରିଶ କରିଥିଲେ। ଯାହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ବିଭିନ୍ନ ସାହିର ଜନସାଧାରଣଙ୍କୁ ମିଳିଥିବା ଚିଠି ଏବଂ ବିଭିନ୍ନ ୱାର୍ଡରେ ଟଙ୍ଗା ଯାଇଥିବା ନୋଟିସ ଅନୁଯାୟୀ ବହୁତ ପ୍ରିୟା ପ୍ରିତି ତୋଷଣ ଓ ପାତର ଅନ୍ତର କରାଯାଇଥିବା ଜଣା ପଡିଥିଲା। ତେଣୁ ବେଆଇନ ହୋଲଡିଂ ଟିକସ ଆଦାୟ ଓ ଅଭିଯୋଗର ଜନ ଶୁଣାଣି ବନ୍ଦ କରିବାକୁ ଜିଲାପାଳଙ୍କୁ ଦାବି କରାଯାଇଥିଲା। ବେଆଇନ ମୂଲ୍ୟାୟନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ବିଭାଗ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହା ବେଆଇନ ଓ ଅଗଣତାନ୍ତ୍ରିକ ବୋଲି ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜନ ଆନ୍ଦୋଳନ ଫଳରେ ଜନଶୁଣାଣୀ ଓ ଟିକସ ଆଦାୟ ସ୍ଥଗିତ ହୋଇଥିଲା । ହେଲେ ଏହାର ସ୍ଥାୟୀ ସମାଧାନ ପାଇଁ ଇତି ମଧ୍ୟରେ ନଗର ଉନ୍ନୟନ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ପୂନର୍ବାର ବେଆଇନ ମୂଲ୍ୟାୟନ ଉପରେ ଜନ ଶୁଣାଣି ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ବର୍ତ୍ତମାନ ନୋଟିସ ଜାରି କରାଯାଇଥିବାରୁ ମିଳିତ ନାଗରିକ କମିଟି ପକ୍ଷରୁ ସଭାପତି ଡ ଅରୂପ କୁମାର ଜେନା, ଆବାହକ ଅଶୋକ ପରିଡା, ନବୀନ କିଶୋର ପଣ୍ଡା, କମଳାକାନ୍ତ ପାଣ୍ଡେ, ବଂଶୀଧର ପଣ୍ଡା, ପ୍ରଶନ୍ନ ପଣ୍ଡା, ବିଜୟ ମହାନ୍ତି, ପ୍ରଣବ ମଣ୍ଡଳ, ବିକାଶ ମହାନ୍ତି, ପ୍ରଭାକର ପାଳ ପ୍ରମୁଖ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଜିତ କୁମାର ପଟ୍ଟନାୟକଙ୍କ ସହ ଏହାର ସ୍ଥାୟୀ ସମାଧାନ ପାଇଁ ଆଲୋଚନା କରିଛନ୍ତି। ଏଥିସହ ଜିଲାପାଳ ଓ ନଗର ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଆସନ୍ତା ଶୁଣାଣି ପୂର୍ବରୁ ଠିକ ମୂଲ୍ୟାୟନ ପାଇଁ ଏକ ସମନ୍ୱୟ ବୈଠକ ଆୟୋଜନ କରି ମାନଦଣ୍ଡ ସ୍ଥିର କଲେ ପୌର ପରିଷଦ ଓ ଜନ ସାଧାରଣ ଉପକୃତ ହୋଇପାରିବେ ବୋଲି ମିଳିତ ନାଗରିକ କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି।



ମିଳିତ ନାଗରିକ କମିଟି କର୍ମକର୍ତ୍ତା।

## ସଂକ୍ଷେପରେ

### କେନ୍ଦୁଝରରେ ନୂତନ ହସ୍ପିଟାଲ ଖୋଲିଲା

କେନ୍ଦୁଝର,୨୦।୯(ଦୀପକ ମିଶ୍ର):

କେନ୍ଦୁଝର ସହରର ଡିଏନ୍ ହାଇସ୍କୁଲ ସମ୍ମୁଖରେ ରତ୍ନମଣୀ ଦ୍ୱିବେଦୀ ବିଲ୍ଡିଂରେ ହେଲଥ୍ ସ୍କୋପ୍ ନାମରେ ଏକ ନୂତନ ଘରୋଇ ଚିକିତ୍ସାଳୟ ଗଣେଶ ପୂଜା ଅବସରରେ ଲୋକାର୍ପିତ ହୋଇଛି। କେନ୍ଦୁଝର ସହରର ଜଣାଶୁଣା ବ୍ୟକ୍ତିତ୍ୱ ଗଦାଧର ଦ୍ୱିବେଦୀଙ୍କ ଧର୍ମପତ୍ନୀ ରତ୍ନମଣୀ ଦ୍ୱିବେଦୀଙ୍କ ନାମରେ ଏହି ନୂତନ କୋଠାରେ ହେଲଥ୍ ସ୍କୋପ୍ ହସ୍ପିଟାଲର ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ନାଗରିକ ରାମନାରାୟଣ ଦ୍ୱିବେଦୀ, ବରିଷ୍ଠ ଆଇନ୍‌ଜୀବୀ ଶିବନାରାୟଣ ମହାନ୍ତ, ଡା. ଗୁଞ୍ଜନ ମହାନ୍ତ, ଡା. ଆଶିଷ କୁମାର ମହାନ୍ତି, ଅଜୟ ପଟ୍ଟନାୟକ, ହେଲଥ୍ ସ୍କୋପର ମ୍ୟାନେଜିଂ ଡାଇରେକ୍ଟର ଅଂଶୁମାନ ପଟ୍ଟନାୟକ, ନିର୍ଦ୍ଦେଶକ ଆଶୁତୋଷ ଭୂୟାଁ, କଟକ ଓ ଭୁବନେଶ୍ୱରର ବହୁ ଲବ୍ଧ ପ୍ରତିଷ୍ଠିତ ଡାକ୍ତରଙ୍କ ସମେତ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।




# ମେଡିକାଲ କଲେଜ ଦାବି ଜୋର ଧରିଲା



ମେଡ଼ିକାଲ କଲେଜ ଦାବିରେ ଧାରଣା ଦିଆଯାଇଛି।

## ୨୩ରେ ଅର୍ଥନୈତିକ ଅବରୋଧ

କେନ୍ଦ୍ରାପଡା, ୨୦।୯(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଆନ୍ଦୋଳନର ରୂପ ନେଇଛି। ସମସ୍ତ ରାଜନୈତିକ ଦଳ, ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଗଣ୍ୟମାନ୍ୟ ବ୍ୟକ୍ତିମାନେ ଆନ୍ଦୋଳନରତ କ୍ରିୟାନୁଷ୍ଠାନ କମିଟିକୁ ନୈତିକ ସମର୍ଥନ ଯୋଗାଇଛନ୍ତି। ଆସନ୍ତା ୨୩ରେ ଏହି ଦାବିକୁ ନେଇ ଜିଲାରେ ଅର୍ଥନୈତିକ ଅବରୋଧ ହେବ ବୋଲି କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏସମ୍ପର୍କରେ କର୍ମକର୍ତ୍ତା ଅଜୟ କୁମାର ସାମଲ, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ଆଦିକନ୍ଦ ରାଉଳ, ଭାଗିରଥୀ ଜେନା ପ୍ରମୁଖ କହିଛନ୍ତି, କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜିଲା ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ବହୁ ପଛରେ ଅଛି। ଜିଲାରେ ୧୬ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିଲେ ମଧ୍ୟ ଲକ୍ଷେ ଲୋକଙ୍କ ପାଇଁ ମାତ୍ର ୫ ଜଣ ଡାକ୍ତର ପଦବୀ ପୂରଣ ହୋଇଛି। ବହୁ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଡାକ୍ତରଙ୍କ ଅଭାବଜନିତ ଦୁର୍ଦ୍ଦଶାରେ ଅଚଳ ଅବସ୍ଥାକୁ ଆସିଯାଇଛି। ଏହାର ନିରାକରଣ ପାଇଁ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଜରୁରୀ ହୋଇଛି। ଏନେଇ ଜିଲା ସାରା ସଚେତନତା ସୃଷ୍ଟି ପରେ ଆସନ୍ତା ୨୩ରେ ଜିଲାରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାର ଏହି ଦାବି ପୂରଣ ନ ହେଲେ ଆସନ୍ତା ନିର୍ବାଚନରେ ଏହାର ପ୍ରଭାବ ପଡିବ ବୋଲି ସେମାନେ ଆଶଙ୍କା କରିଛନ୍ତି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅଦ୍ୟାବଧି ଗତ ୧୬ ଦିନ ଧରି ସହରର ଗରାପୁରସ୍ଥିତ ଗାନ୍ଧିମୂର୍ତ୍ତି ନିକଟରେ ଗଣଧାରଣା ଦିଆଯାଇଛି।

### ମେଡିକାଲ କଲେଜ ପାଇଁ ଜନମଞ୍ଚର ଆନ୍ଦୋଳନ ଚେତାବନୀ

ପଟ୍ଟାମୁଣ୍ଡାଇ,୨୦।୯(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଜରୁରୀ ହୋଇଛି। କେନ୍ଦ୍ର ସରକାର ଓଡିଶାର ସବୁ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇପାରିବ ବୋଲି କହୁଥିବାବେଳେ ରାଜ୍ୟ ସରକାର ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ତୁରନ୍ତ କରାଯାଉ ବୋଲି ଜନମଞ୍ଚ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ଦାବି କରିଛନ୍ତି। ନଚେତ୍ ଜନମଞ୍ଚ ଆନ୍ଦୋଳନ କରିବାକୁ ଆଗେଇ ଆସିବ ବୋଲି ଚେତାବନୀ ଦେଇଛି। କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ନିମନ୍ତେ ଜନମଞ୍ଚ ପକ୍ଷରୁ ଏକ ବୈଠକ ଆହ୍ୱାନ କରାଯାଇଥିଲା। ଏଥିରେ ଆବାହକ ପ୍ରଫେସର ପରିଡା, ପ୍ରଫେସର ଦେବବ୍ରତ ପ୍ରଧାନ, ପାରେଶ୍ୱର ବିଶ୍ୱାଳ, ଗୌରାଙ୍ଗ ବେହେରା, ଅକ୍ଷୟ ସାହୁ, ମଳୟ ଓଝା, ଗୋକୁଳ ରାଉତ, ବୈକୁଣ୍ଠ ପରିଡା, କୃପାସିନ୍ଧୁ ସାମଲ, ବାବାଜୀ ଧଳ, ଅନ୍ତର୍ଯ୍ୟାମୀ ପରିଡା, ବାବାଜୀ ଦାସ, ସର୍ବେଶ୍ୱର ସେଠୀ ଅଭିମନ୍ୟୁ ମଲ୍ଲିକ, ରବୀନ୍ଦ୍ର ପରିଡା, ବୀରେନ୍ଦ୍ର ସାମଲ, ଯଦୁନାଥ ନାୟକ, ବେଲାଳସେନ ପରିଡା, ବିଭୁ ପ୍ରସାଦ ଦାସ, ଶଶୀଭୂଷଣ କୁଣ୍ଡୁ, ଅନାଦି ଦାସ, ଅଭିରାମ ଲେଙ୍କା ଓ ଶରତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେବା ସହିତ ରାଜ୍ୟ ସରକାର ତୁରନ୍ତ କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ବଜ୍ରପାତ ଘଟି ୪ ମଇଁଷି ମୃତ


ବଜ୍ରପାତରେ ମରିଥିବା ୪ ମଇଁଷି।

ମହାକାଳପଡ଼ା,୨୦।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ତେର ଗାଁ ପଞ୍ଚାୟତର ଘୋଡ଼ାବନ୍ଧ କୂଳ ଗ୍ରାମରେ ବଜ୍ରପାତରେ ୪ ମଇଁଷିଙ୍କ ମୃତ୍ୟୁ ଘଟିଛି। ସେହି ଗ୍ରାମର ବାସୁଦେବ ଦାସ ମଇଁଷି ପାଳନ କରି ପରିବାର ଭରଣ ପୋଷଣ କରନ୍ତି। ଚାଷ ଜମି ନ ଥିବାରୁ କେବଳ ମଇଁଷି ଉପରେ ନିର୍ଭର କରି ତାଙ୍କ ପରିବାର ଚାଲିଥାଏ। ବୁଧବାର ପ୍ରବଳ ବର୍ଷା ସାଙ୍ଗ ବଜ୍ରପାତ ହୋଇଥିଲା। ଏହି ସମୟରେ ବାସୁଦେବଙ୍କ ମଇଁଷି ପଲ ଗ୍ରାମ ନିକଟ ଲୁଣା ନଦୀ ବନ୍ଧ କୂଳରେ ଚରୁଥିଲେ। ହଠାତ୍ ବଜ୍ରପାତ ହେବାରୁ ୪ ମଇଁଷିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅଭିଯୋଗ ପାଇ ରାଜସ୍ୱ ନିରୀକ୍ଷକ ଓ ବ୍ଲକ ପ୍ରାଣୀ ଚିକିତ୍ସକ ତଦନ୍ତ କରିଛନ୍ତି। ବାସୁଦେବଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପୂର୍ବତନ ସରପଞ୍ଚ ଅରକ୍ଷିତ ବେହେରା ଦାବି କରିଛନ୍ତି।

## ଡେରାବିଶ କଲେଜର ପ୍ରାକ୍ତନ ଅଧ୍ୟକ୍ଷଙ୍କ ପରଲୋକ

ଡେରାବିଶ,୨୦।୯(ବେବର୍ତ୍ତା ଅଜୟ ଦାସ)


ଡ.ଦେବବ୍ରତ ନାୟକ

ଡେରାବିଶ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ.ଦେବବ୍ରତ ନାୟକଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପଦରୁ ସେ ଗତ ଜୁନ୍ ୩୦ରେ ଅବସର ନେଇଥିଲେ। ଦୀର୍ଘଦିନ ହେବ ସେ ମଧୁମେହ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ବୁଧବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନରେ ତାଙ୍କର ପରଲୋକ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଡେରାବିଶ କଲେଜ ପରିଚାଳନା କମିଟିର ସଭାପତି ଶରତ କୁମାର କର, ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ସମେତ ବହୁ ଅଧ୍ୟାପକ ଓ କର୍ମଚାରୀ ସ୍ୱର୍ଗତ ନାୟକଙ୍କୁ ଶେଷ ଦର୍ଶନ କରିବା ସହ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବୌଦ୍ଧ ଗବେଷକ ଡ. ହରିଶ୍ଚନ୍ଦ୍ର ପୃଷ୍ଟି ଓ ସାମାଜିକ କର୍ମୀ ହଳଧର ଦାଶ ପ୍ରମୁକ ଶୋକବ୍ୟକ୍ତ କରିଛନ୍ତି। ଡ. ନାୟକ ଡେରାବିଶ ମହାବିଦ୍ୟାଳୟରେ ୧୯୮୯ ଜୁନ୍ ୨୭ରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ।

# ୪ ବଖରା ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା


ଅଗ୍ନିବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

## କାଉପଡ଼ା ପରବାରି ଗାଁରେ ଅଗ୍ନିକାଣ୍ଡ

ଡେରାବିଶ,୨୦।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ କାଉପଡ଼ା ପଞ୍ଚାୟତ ପରବାରି ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ସମ୍ପୂର୍ଣ୍ଣ ପୋଡ଼ି ଯାଉଛି। ଏହି ଘଟଣାରେ ସ୍ୱର୍ଣ୍ଣଅଳଙ୍କାର ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି। ଅଗ୍ନିକାଣ୍ଡରେ ଗାଁର ଗୌରାଙ୍ଗ ପାଳ ଓ ଭାସ୍କର ପାଳଙ୍କ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ମଙ୍ଗଳବାର ରାତି ୨ଟା ୩୦ରେ ଗାଁର ନନ୍ଦକିଶୋର ବେହେରା ବାହାରକୁ ଶୌଚ ପାଇଁ ଉଠିଥିଲେ। ଏହି ସମୟରେ ଘରଟି ଜଳୁଥିବା ଦେଖି ପାଟି କରିଥିଲେ। ହେଲେ ଉଭୟ ପରିବାର ଲୋକେ ଶୋଇଥିବାରୁ କିଛି ଶୁଣି ପାରି ନ ଥିଲେ। ନନ୍ଦକିଶୋର ଉଭୟଙ୍କ ଘର କବାଟ ପିଟିବାରୁ ଗୌରାଙ୍ଗ ଓ ଭାସ୍କରଙ୍କ ପରିବାର ଲୋକେ ଉଠି ଗାଁ ଲୋକଙ୍କ ସହ ମିଶି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁର ତେଜ ଏତେ ଭୟାବହ ଥିଲା ଯେ ଉଭୟ ପରିବାରର ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଏପରି କି ପିନ୍ଧିଥିବା ବସ୍ତ୍ର ବ୍ୟତୀତ ଘରର କୌଣସି ଆସବାବପତ୍ର ଉଦ୍ଧାର ହୋଇପାରି ନ ଥିଲା। ଖବର ପାଇ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବୁଧବାର ସକାଳୁ ବିପନ୍ନ ପରିବାର ନିକଟରେ କାଉପଡ଼ା ସରପଞ୍ଚ ପ୍ରତାପ କୁମାର ବେହେରା, ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଓ ବାଲିଆସ୍ଥିତ ଗୋପୀନାଥଜୀଉ ସେବା ସମିତିର ରାକେଶ ସାହୁ, ପ୍ରଭାତ ରଣା ପ୍ରମୁଖ ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ବସ୍ତ୍ର, ଶୁଖିଲା ଖାଦ୍ୟ, ପାଲ, ବାସନ ସାମଗ୍ରୀ ସମେତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କାଉପଡ଼ା ସର୍କଲ ଆରଆଇ ପଲ୍ଲବ ପ୍ରତିମ ପ୍ରଧାନ କ୍ଷୟକ୍ଷତିର ଆକଳନ କରିଛନ୍ତି।

## ମହିମା ଆଶ୍ରମର ନୂତନ ଗୃହର ଶିଳାନ୍ୟାସ

ରାଜନଗର,୨୦।୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁରଠାରେ ଅଲେଖ ମହିମା ଆଶ୍ରମ ନୂତନ ଗୃହର ଶିଳାନ୍ୟାସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନୂତନ ଆଶ୍ରମ ଗୃହର ଶିଳାନ୍ୟାସ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଭିତରଗଡ଼ ପଞ୍ଚାୟତର ସରପଞ୍ଚ ଇତିଶ୍ରୀ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ମହିମା ଅଲେଖ ଧର୍ମର ସାଧୁ ବାବାଜୀ ନଟବର ଦାସ ଏବଂ ବାବାଜୀ ସୁବ୍ରତ ଦାସ ଏହି ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଥିଲେ। ମହିମା ଧର୍ମର ପରିକ୍ଷିତ ମହାରାଜ, ମହିମା ଆଶ୍ରିତ ଭକ୍ତ କପ୍ଳନାଥ ଜେନା, ନଟବର ଜେନା, ନବଘନ ସେଠୀ, ମହେଶ୍ୱର ଦାସ, ଉଦୟନାଥ ସେଠୀ, ଗୋକୁଳ ମହାନ୍ତ, ବନମାଳି ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ନିର୍ବାଚନମଣ୍ଡଳୀ ସୋସିଆଲ ମିଡିଆ ସଂଯୋଜକ ବିଜୟ ନାୟକ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।


ଶିଳାନ୍ୟାସ ଉତ୍ସବରେ ଅତିଥି ଓ ସାଧୁ।

# ଶହୀଦଙ୍କ ଘରୁ ମାଟି ସଂଗ୍ରହ କରାଗଲା


ଶହୀଦଙ୍କ ଘରୁ ମାଟି ସଂଗ୍ରହ କରାଯାଇ ନିଆଯାଉଛି।

## ରାଜକନିକାରେ ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ

ରାଜକନିକା,୨୦।୯(ସଞ୍ଜୟ କୁମାର ଦାଶ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଚାଲିଥିବା ମୋ ମାଟି, ମୋ ଦେଶ, ମାଟିକୁ ନମନ, ବୀରଙ୍କୁ ବନ୍ଦନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବୁଧବାର କାରଗିଲ ଶହୀଦ ସଚ୍ଚିଦାନନ୍ଦ ମଲିକଙ୍କ ଏନ୍ତୁଡ଼ିଶାଳରୁ ମାଟି ସଂଗ୍ରହ କରାଯାଇଛି। ଏଥିପାଇଁ ସଚ୍ଚିଦାନନ୍ଦଙ୍କ ଜନ୍ମ ମାଟି ରାଜକନିକାର କଣ୍ଡିଆ ଗ୍ରାମରୁ ପ୍ରଥମେ ମାଟି ସଂଗ୍ରହ କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଶହୀଦଙ୍କ ସାନବାପା ଅକ୍ଷୟ ମଲିକଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ କଣ୍ଡିଆଫାଣ୍ଡି ଛକ ନିକଟରେ ଥିବା ଶହୀଦଙ୍କ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ଭାଜପା ୨୭ନଂ.ଜୋନ୍ ପଶ୍ଚିମ କନିକା ମଣ୍ଡଳ ସଭାନେତ୍ରୀ ଅନୁରାଧା ସାମଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମି ରଞ୍ଜନ ବେହୁରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ଆଶାଲତା ପଟ୍ଟନାୟକ, ଜିଲା ଉପସଭାପତି ଗଗନ ବିହାରୀ ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଦୁର୍ଯ୍ୟୋଧନ ସାହୁ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା କାନନବାଳା ଦାସ, ୨୭ନଂ.ଜୋନ ସଭାପତି ବିଶ୍ୱଜିତ ଦାସ ସାମିଲ ହୋଇଥିଲେ।

## ପିତା ହିଁ ଶିଶୁମାନଙ୍କ ପଥ ପ୍ରଦର୍ଶକ

ଆଳି,୨୦।୯(ବନମାଳୀ ସେନାପତି)

ପିତା ହିଁ ଶିଶୁର ଆଦ୍ୟ ଗୁରୁ। ତେଣୁ କୋମଳମତି ଶିଶୁଟି ବାପାଙ୍କର ପ୍ରତ୍ୟେକ କାର୍ଯ୍ୟକୁ ନିରୀକ୍ଷଣ କରି ଥାଏ ଓ ସେହି ଅନୁସାରେ କାମ କରେ। ତେଣୁ ପିତା ହିଁ ହେଉଛନ୍ତି ଶିଶୁର ପଥ ପ୍ରଦର୍ଶକ ବୋଲି ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପିତୃ ସମ୍ମିଳନୀରେ ବିଶିଷ୍ଟ ବକ୍ତାମାନେ ଏହା ପ୍ରକାଶ କରିଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଶ୍ଚିମ ଓଡ଼ିଶାର ପ୍ରାନ୍ତ ସଦଭାବନା ପ୍ରମୁଖ ବିଶ୍ୱମ୍ଭର ପାଣି ଯୋଗ ଦେଇ କହିଥିଲେ ଶିଶୁମାନେ ଦୁନିଆକୁ ଆସିବା ପରେ ପିତା ମାତାଙ୍କୁ ହିଁ ପ୍ରଥମେ ଦେଖନ୍ତି ଆଉ ତାଙ୍କୁ ଅନୁସରଣ କରନ୍ତି। ସେମାନେ ଭାବନ୍ତି ଦୁନିଆରେ ତାଙ୍କ ବାପା ସବୁଠାରୁ ଶକ୍ତିଶାଳୀ, ସବୁଠାରୁ ବଡ଼ ଧନୀ, ସବୁଠାରୁ ବଡ଼ ଜ୍ଞାନୀ। ବାପାଙ୍କୁ ସେମାନଙ୍କର ରୋଲ ମଡେଲ ଭାବିଥାନ୍ତି। ସେଇଥିପାଇଁ ସେମାନେ ବାପାଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଦୁନିଆ ବିଷୟରେ ସବୁଜ୍ଞାନ ଅର୍ଜନ କରିଥାନ୍ତି। ତେଣୁ ବାପାମାନେ ଯେତେ କାର୍ଯ୍ୟ ବ୍ୟସ୍ତ ଥିଲେ ବି ପିଲାମାନଙ୍କୁ କିଛି ସମୟ ନିଶ୍ଚିତ ଦେବେ ଯାହାକି ସେମାନଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଶିକ୍ଷାବିତ୍ କବି ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ ମାଧ୍ୟମରେ ଉପସ୍ଥିତ ପିତା ମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜାନକୀ ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବ ଆରମ୍ଭରେ ଆଚାର୍ଯ୍ୟା ତୃପ୍ତି ରେଖା ସ୍ୱାଇଁ ଓ ଶିଶୁମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପୂର୍ଣ୍ଣ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ପରିଷଦ ସଦସ୍ୟ, ସଦସ୍ୟା ଓ ଗୁରୁଜୀ ଓ ଗୁରୁ ମା'ମାନେ ସହଯୋଗ କରିଥିଲେ।


ପିତୃ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ପଟ୍ଟାମୁଣ୍ଡାଇ,୨୦।୯(କଳ୍ପତରୁ ନାୟକ)


ରାସ୍ତାରେ ଜମା ହୋଇଥିବା ବର୍ଷାଜଳ।


ନାଳରେ ଭର୍ତ୍ତି ହୋଇ ରହିଥିବା ଆବର୍ଜନ।

- ମଶା ଉପଦ୍ରବରେ ସହରବାସୀ ଅତିଷ୍ଠ
- ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ହେଉନି
- ଏନ୍‌ଜିଟି ଫାଶରେ ପଡିବାର ସମ୍ଭାବନା

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରାଞ୍ଚଳରେ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ରାସ୍ତାଘାଟ, ପୋଖରୀ ସୌନ୍ଦର୍ଯ୍ୟକରଣ ଓ ଆଲୋକିକରଣ ଏବଂ ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ରାଶି ଯୋଗାଇ ଦିଆଯାଉଛି। ମାତ୍ର ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଉକ୍ତ ଅନୁଦାନକୁ ବିଭାଗୀୟ କର୍ତ୍ତୃପକ୍ଷ ଯେକୌଣସି ବାଟରେ ଖର୍ଚ୍ଚ କରି ବିଲ୍ ଉଠାଇନେବା ଘଟଣା ହାଟରେ ପଡି ଦାଣ୍ଡରେ ଗଡୁଛି ବୋଲି ଅଭିଯୋଗ ହେଇଛି।

ଏ ସଂକ୍ରାନ୍ତାରେ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ସାହି, ଗଳିକନ୍ଦିର ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ରାସ୍ତା ଉନ୍ନତିକରଣ କାମ ଅତି ନିମ୍ନମାନର ହୋଇଥିବା ଯୋଗୁ ରାସ୍ତା ଦବି ପେଭର ଉଠି ଗର୍ତ୍ତ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ବିକାଶ କାମ ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ। ଅନ୍ୟପକ୍ଷେ ସହରର ବିଭିନ୍ନ ସ୍ଥାନରେ ବହୁଦିନ ଧରି ମଇଳା ଉଠୁନାହିଁ। ଡ୍ରେନଗୁଡିକରେ ମଶାମରା ତେଲ ବ୍ୟବହାର କରାଯାଉନାହିଁ। ଫଳରେ ମଶା ସଂଖ୍ୟା ବଢ଼ିଛି। ପୌରବାସୀ ମଶା ଯୋଗୁ ନାନା ରୋଗୀରେ ଆକ୍ରାନ୍ତ ହେଉଛନ୍ତି। ହେଲେ ପୌର ସ୍ୱାସ୍ଥ୍ୟ ଅଧିକାରୀ ଭଲ ନିଦରେ ଶୋଇଛନ୍ତି। ଯୁବନେତା ସତ୍ୟପ୍ରିୟ ସାମଲ କୁହନ୍ତି, ପଟ୍ଟାମୁଣ୍ଡାଇ ପୌରପରିଷଦ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା କରି ନ ପାରିବା ଦ୍ୱାରା ବିଭିନ୍ନ ସ୍ଥାନରେ ଆବର୍ଜନା ପଡିରହିଛି। ଫଳରେ ପୌରସଂସ୍ଥା ଖୁବଶୀଘ୍ର ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)ର ଫାଶରେ ପଡିବାର ସମ୍ଭାବନା ସୃଷ୍ଟି କରିଛି। ଏନ୍‌ଜିଟି କୌଣସି ବର୍ଜ୍ୟବସ୍ତୁକୁ ଖୋଲା ସ୍ଥାନ ପକାଇବା ଏବଂ ଜଳାଇବା ପାଇଁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହାର ଖିଲାପ ଦୃଷ୍ଟିଗୋଚର ହେଲେ ଖିଲାପକାରୀଙ୍କଠାରୁ ପରିବେଶୀୟ କ୍ଷତିପୂରଣ ବାବଦରେ ଜରିମାନା ସ୍ୱରୂପ ୫ ହଜାର ଟଙ୍କା ଓ ସମୂହ ଆବର୍ଜନା ଜଳାଇଲେ ୨୫ ହଜାର ଟଙ୍କା ଭୂ-ରାଜସ୍ୱ ଆକାରରେ ଆଇନ ଅନୁଯାୟୀ ଆଦାୟ କରାଯିବ। କିନ୍ତୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଏହି ନିର୍ଦ୍ଦେଶକୁ ଅବମାନନା କରି ଚାଲିଛନ୍ତି। ଶୁଖୁଆ ବସ୍ତି ପାଖ କେନାଲ ରୋଡ କଡରେ ଆବର୍ଜନା ପକାଇ ଦିଆଯାଉଛି। ଅବିନାଶ ଲେଙ୍କା କୁହନ୍ତି, ଦେଶରେ ବ୍ୟବସ୍ଥାଗତ ଦୃଷ୍ଟିରୁ ପୌରାଞ୍ଚଳକୁ ପ୍ରଶାସନିକ ବ୍ୟବସ୍ଥାରୁ ମୁକ୍ତ କରାଯାଇଛି। ସହରବାସୀଙ୍କ ମତଦାନରେ କାଉନସିଲ ଓ ଅଧ୍ୟକ୍ଷ ନିର୍ବାଚିତ ହେଉଛନ୍ତି। ଯଦ୍ୱାରା ସେମାନେ ନିଜ ଅଞ୍ଚଳର ବିକାଶର ପରିଭାଷା ନିଜେ ସ୍ପଷ୍ଟ କରି ତାଙ୍କ ସହରକୁ ଆହୁରି ବିକାଶମୁଖର କରି ପାରିବେ। କିନ୍ତୁ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଞ୍ଚଳରେ ବିକାଶର ଗତି ଓଲଟା ହୋଇଯାଇଛି।

ବୁଦ୍ଧିଜିବୀ ସନାତନ ବିଶ୍ୱାଳ କୁହନ୍ତି, ପଟ୍ଟାମୁଣ୍ଡାଇ ସହର ରାସ୍ତାରେ ଗୋରୁ ଓ କୁକୁର ମାଳ ମାଳ ହୋଇ ବୁଲିବା କାରଣରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇ ଦୁର୍ଘଟଣା ବଢ଼ୁଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଭିତରକନିକା ଜାତୀୟ ଉଦ୍ୟାନ ବୁଲିବା ପାଇଁ ଆସିଥାନ୍ତି। ବହୁ ପର୍ଯ୍ୟଟକ ଖାଲଖମାରେ ପଡ଼ି ଆହତ ହୋଇଥିବା ନଜିର ରହିଛି। ଡ୍ରେନ୍ ଉପରେ ସ୍ଲାପ୍ ନ ଥିବାରୁ ଅଧିକାଂଶ ସମୟରେ ଛୋଟ ପିଲା, ବାଇକ୍ ଚାଳକ ଓ ପଶୁ ନାଳରେ ଗଳି ପଡୁଛନ୍ତି। ଆଗକୁ ପାର୍ବଣ ଆସୁଥିବା ବେଳେ ୱାର୍ଡ଼ ଗୁଡିକରେ ଥିବା ରାସ୍ତା ଘାଟ ,ପାନୀୟଜଳ, ପରିମଳ ବ୍ୟବସ୍ଥା ଓ ଷ୍ଟ୍ରିଟଲାଇଟ୍ ଠିକଭାବେ ପରିଚାଳନା କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରେ ରାସ୍ତାଘାଟ ଅଳ୍ପବହୁତ ଖରାପ ଅଛି। ଆଗକୁ ଆଲୋକୀକରଣ ଓ ଅନ୍ୟାନ୍ୟ କାର୍ଯ୍ୟ କରାଯିବାକୁନିଷ୍ପତ୍ତିହୋଇଛିବୋଲିକହିଛନ୍ତି।

**ସଂକ୍ଷେପରେ**

## ୨ଜଣଙ୍କ ନାମରେ ମାମଲା ରୁଜୁକଲା ପୋଲିସ

### ନାବାଳିକା ଅପହରଣ ଘଟଣା

**ଖଣ୍ଡପଡ଼ା,୨୦।୯(ଅଜୟ କୁମାର ମହାରଣା):** ଖଣ୍ଡପଡା ଥାନା ଅଧୀନ କିଆଝର ପଞ୍ଚାୟତ ଅଞ୍ଚଳରୁ ଏକ ୧୨ ବର୍ଷର ନାବାଳିକାଙ୍କୁ ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ରଗଡିସାହି ଗ୍ରାମର ସଞ୍ଜୁ ବେହେରା ଗତ ସେପ୍ଟେମ୍ବର ୧ ତାରିଖ ଅପରାହ୍ନରେ ଏକ ବାଇକ ଯୋଗେ ଅପହରଣ କରି ନେଇଥିଲେ । ଏ ସଂକ୍ରାନ୍ତରେ ସୂଚନା ମିଳିବା ପରେ ନାବାଳିକାଙ୍କ ବାପା ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ସଞ୍ଜୁ ଓ ତାଙ୍କ ସମ୍ପର୍କୀୟ ରଞ୍ଜି ମହାକୁଡଙ୍କ ନାମରେ ଏକ ମାମଲା(ନଂ.୨୦୫/୨୩) ରୁଜୁ କରିଛି । ଉକ୍ତ ଅପହରଣର ୨୦ ଦିନ ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ଟେର ପାଇ ନାହିଁ । ନାବାଳିକାଙ୍କ ପରିବାର ବର୍ଗ ଏ ସମ୍ପର୍କରେ ନୟାଗଡ଼ ଏସ୍‌ପିଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ତେବେ ଏ ସମ୍ପର୍କରେ ଖଣ୍ଡପଡା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରେ ଏ ଦିଗରେ ଅନୁସନ୍ଧାନ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

## ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷଙ୍କୁ ଶ୍ରଦ୍ଧାଞ୍ଜଳି

**ଖଣ୍ଡପଡ଼ା,୨୦।୯(ଅଜୟ କୁମାର ମହାରଣା):** ଖଣ୍ଡପଡା ମହିଳା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସ୍ୱର୍ଗତ ଦାଶଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକୀରେ କଲେଜ ପରିସରରେ ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା,ଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ଦାଶଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ସ୍ମୃତି ଚରଣ କରାଯାଇଥିଲା । ସ୍ୱର୍ଗତ ଦାଶ ଏହି ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଭାବେ ୧୯୯୨ରୁ ୨୦୧୧ ମସିହା ପର୍ଯ୍ୟନ୍ତ କାମ କରି ଅବସର ନେଇଥିଲେ । ପୁନଃ କଲେଜ ପାଠ ପଢାରେ ନିଜକୁ ସାମିଲ କରିଥିଲେ । ତାଙ୍କ ଅବଦାନ ପାଇଁ ମହାବିଦ୍ୟାଳୟ କର୍ମଚାରୀମାନେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

## ପିକ୍‌ଅପ୍ ଭ୍ୟାନ୍ ସହ ୩ ଗୋରୁ ଜବତ



**ଖଣ୍ଡପଡ଼ା,୨୦।୯(ଅଜୟ କୁମାର ମହାରଣା):** ଖଣ୍ଡପଡା ଥାନା ଅଧୀନ ବରପଲ୍ଲୀ ଗ୍ରାମରୁ ଏକ ପିକ୍‌ଅପ୍ ଭ୍ୟାନ ଯୋଗେ ଚୋରାରେ ଗୋରୁ ଚାଲାଣ ହେଉଥିବା ନେଇ ସନ୍ତୋଷ କୁମାର ସାହୁ ଥାନାରେ ଅଭିଯୋଗ କରିଥିଲେ । ଖବର ପାଇ ଖଣ୍ଡପଡ଼ା ପୋଲିସ ବୁଧବାର ଗୋରୁ ବୋଝେଇ ପିକଅପ୍ ଭ୍ୟାନକୁ ଜବତ କରିଛି । ପୋଲିସ ପହଞ୍ଚିବା ପୂର୍ବରୁ ଭ୍ୟାନ ଚାଳକ ଓ ୨ ସହକାରୀ ଗାଡ଼ି ଛାଡି ସେଠାରୁ ଫେରାର ହୋଇ ଯାଇଥିବା ପୋଲିସ ସୂଚନା ଦେଇଛି । ଜବତ ଗୋରୁ ବୋଝେଇ ପିକଅପ୍ ଭ୍ୟାନକୁ ପୋଲିସ ଥାନା ପରିସରରେ ରଖିଛି । ଜବତ ଗୋରୁଙ୍କୁ ଗୋଶାଳାରେ ଛଡାଯିବ ବୋଲି ସୂଚନା ମିଳିଛି ।

## ୨୮ରେ ଏଆଇୱାଇଏଫ୍‌ର ଆର୍‌ଡିସି ଅଫିସ ଘେରାଉ

**ବ୍ରହ୍ମପୁର,୨୦।୯(ନରସିଂହ ସାହୁ):** ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ) ଗଞ୍ଜାମ ଜିଲା ପରିଷଦ ବୈଠକ ସୋମବାର ବ୍ରହ୍ମପୁରରେ ହୋଇଯାଇଛି । ଆସନ୍ତା ୨୮ ତାରିଖରେ ବିପ୍ଳବୀ ଶହୀଦ ଭଗତ ସିଂଙ୍କ ଜୟନ୍ତୀ ଦିବସରେ ବେକାର ଯୁବତୀ ଓ ଯୁବକଙ୍କୁ ରୋଜଗାର ଦାବି ନେଇ ଭଗତ ସିଂ ଜାତୀୟ କର୍ମ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ପ୍ରଣୟନ କରାଯିବାକୁ ଗୁରୁତ୍ୱ ଦିଆଯାଇଛି । ଏହି ଦାବି ହାସଲ ପାଇଁ ସେହିଦିନ ବ୍ରହ୍ମପୁରସ୍ଥ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଘେରାଉ କରାଯିବାର ନିଷ୍ପତ୍ତି ନିଆଯାଇଛି ।

# ଗଣେଶ ମୂର୍ତ୍ତି ଉଚ୍ଚତାକୁ ନେଇ ଗୋଷ୍ଠୀ ସଂଘର୍ଷ

■ଉଭୟ ପକ୍ଷର ୩ ଗୁରୁତର, ୭ ଜେଲ ଗଲେ

■ପୋଲିସ ଉପସ୍ଥିତିରେ ଗୋଡେଇ ଗୋଡେଇ ପିଟିଲେ

**ନୟାଗଡ଼,୨୦।୯(ଲୋକନାଥ ମିଶ୍ର)**

ମଙ୍ଗଳବାର ରାତିରେ ଗଣେଶ ମୂର୍ତ୍ତି ଉଚ୍ଚତାକୁ ନେଇ ନୟାଗଡ଼ ଟାଉନ ଥାନାର ୧୪ ନଂ. ୱାର୍ଡର ଜୟାଙ୍ଗୀ ସାହି ଓ ୧୬ ନଂ .ୱାର୍ଡର ଶିବାଜୀ ନଗରର ଯୁବକମାନଙ୍କ ମଧ୍ୟରେ ମାରପିଟ୍ ହୋଇ ଉଭୟ ପକ୍ଷର ଜିତୁ ସାହୁ, ଦୀପକ ସେଠୀ ଓ ପ୍ରଶାନ୍ତ ଦୋରା ୩ ଗୁରୁତର ହୋଇଛନ୍ତି । ଆହତମାନଙ୍କୁ ପ୍ରଥମେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଅନ୍ୟପକ୍ଷେ ଏହି ଘଟଣାରେ ପୋଲିସ ୨୧୪/୨୩ ମାମଲାରେ ଚିତ୍ତ ରଞ୍ଜନ ପ୍ରଧାନ, ଶୁଭ୍ରକାନ୍ତ ମହାନ୍ତି, ଆଲୋକ ମଲ୍ଲିକ, ପ୍ରସନ୍ନ ସାହୁ ଓ ୨୧୫/୨୩ ମାମଲାରେ ଦିବ୍ୟ ରଞ୍ଜନ ବେହେରା, ସମୀର ଦାସ, ଅର୍ଜୁନ ପରିଡା ପ୍ରମୁଖ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ୭ ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି ।

ଜୟାଙ୍ଗିସାହିର ଗଣେଶ ମୂର୍ତ୍ତିର ଉଚ୍ଚତା ବଡ ହୋଇଥିବାରୁ ଶିବାଜୀନଗରର ଯୁବକମାନେ କ୍ଷୁବ୍ଧ ହୋଇଥିଲେ । ସେମାନେ ଦିବ୍ୟଜ୍ୟୋତି କ୍ଲବ ମାଧ୍ୟମରେ କରିଥିବା ପୂଜାରେ ଭିଡ କମିଥିବାରୁ ପ୍ରତିବାଦ କରି ଜୟାଙ୍ଗି ସାହିରେ ପହଞ୍ଚି ଗଣେଶ ମେଢ଼ ନିକଟରେ ଗଣ୍ଡଗୋଳ କରିଥିଲେ । ମେଢ଼ ନିକଟରେ ଭଙ୍ଗାରୁଜା କରି ମାରପିଟ୍ କଲେ । ପରେ ଏହି ଘଟଣା ଗୋଷ୍ଠୀ ବିବାଦର ରୂପ ନେଇଥିଲା । କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଘଟଣା ସମ୍ପର୍କରେ ଅଭିଯୋଗରେ ସ୍ଥାନ ପାଇ ନାହିଁ । ୧୪ ନଂ ୱାର୍ଡ ଜୟାଙ୍ଗି ସାହିର ଅର୍ଜୁନ ପରିଡାଙ୍କ ଅଭିଯୋଗ ଅନୁଯାୟୀ, ଜୟାଙ୍ଗି ସାହିରେ ଗଣେଶ ପୂଜା ମେଢ଼ ନିକଟରେ ଭଜନ ସମାରୋହ ହେଉଥିଲା । ୧୬ ନଂ ୱାର୍ଡର ଦୀପକ ସେଠୀ, ପ୍ରଶାନ୍ତ ଦୋରା, ଗଣେଶ, ରାକେଶ, ବବୁଲ, ଗୁଡୁଲୁଙ୍କ ସମେତ ପ୍ରାୟ ୧୫ ଯୁବକ ଆସି ମେଢ଼ ନିକଟରେ ଗାଳିଗୁଲଜ କଲେ । ମେଢ଼ ଚାରିପଟେ ବୁଲି ସର୍ବସାଧାରଣ ସ୍ଥାନରେ ସିଗାରେଟ ଖାଇ ବୁଲିଲେ । ଗଣେଶ ପୂଜା କମିଟିର ସଦସ୍ୟମାନେ ବୁଝାସୁଝା କଲେ କିଛି ପରିବର୍ତ୍ତନ ହେଲା ନାହିଁ । ବରଂ କେତେଜଣ ଯୁବକଙ୍କୁ ଡକାଇ ଠେଙ୍ଗା ଓ ବୋତଲ ଧରି ଗୋଡେଇ ଗୋଡେଇ ପିଟିଲେ । ଗଣେଶ ପୂଜା କମିଟିର ଜିତୁ ସାହୁ(୨୫)ଙ୍କୁ ସେମାନଙ୍କ ଆକ୍ରମଣରେ ଆହତ ହୋଇଛନ୍ତି । ଅଭିଯୋଗ ପରେ ପୋଲିସ ୨୯୪, ୩୨୩, ୩୨୪, ୩୦୭, ୩୪ ଆଇପିସି ଦଫାରେ ୨୧୪/୨୩ରେ ମାମଲା ରୁଜୁ କଲେ । ୱାର୍ଡ ନଂ ୧୬ ଆଲୋକ ମଲିକଙ୍କ ଅଭିଯୋଗ ଅନୁସାରେ ଗଣେଶ ଚତୁର୍ଥୀର ରାତି ପ୍ରାୟ ୯ଟାରେ ମୋ ୱାର୍ଡର ଦୀପକ ସେଠୀ, ପ୍ରଶାନ୍ତ ଦୋରା, ଗଣେଶ, ରାକେଶ ଜେନା, ରାଉଡ ପ୍ରମୁଖ ମିଶି ୧୪ ନଂ ୱାର୍ଡକୁ ଯାଇଥିଲେ । ସେଠାର ଦୋକାନରୁ ସିଗାରେଟ କିଣି ସିଗାରେଟ ପିଉଥିବା ସମୟରେ ୧୪ ନଂ ୱାର୍ଡର ଜିତୁ ସାହୁ, ସମୀର ଦାସ, କାହ୍ନା ମଲ, ଦିଲୁ, ଶଙ୍କର ପ୍ରମୁଖ ପ୍ରାୟ ୧୫ ଜଣ ଆସି ଆମ ସାହିରେ କାହିଁକି ସିଗାରେଟ ଖାଉଛ ବୋଲି ପଚାରିଥିଲେ । ସେଠାରେ କୁନି ଓରଫ ଦୀପକ ଦାସ ରାଗି ଯାଇ ମାରପିଟ୍ କରିବାକୁ କହି ଦୋକାନରୁ ବୋତଲ ଭାଙ୍ଗି ଦୀପକ ସେଠୀର ମୁଣ୍ଡକୁ ପିଟିଥିଲେ । ପୁଣି ପ୍ରଶାନ୍ତ ଦୋରା ମଧ୍ୟ ଆହତ ହୋଇଥିଲେ । ଦୁଇ ଆହତ ପରେ ରାକେଶ ଜେନା ଓ ରାଉଡି ଆସି ଆମ ସାହିରେ ଖବର ଦେଇଥିଲେ । ଘଟଣା ଶୁଣି ମୁଁ କିଛି ଲୋକ ସମ୍ପୃକ୍ତ ୱାର୍ଡକୁ ଯାଇ ଦୀପକ ସେଠୀ ଓ ପ୍ରଶାନ୍ତ ଦୋରାଙ୍କୁ ଉଦ୍ଧାର କରି ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲୁ । ଆଲୋକ ମଲିକଙ୍କ ଅଭିଯୋଗ ଅନୁସାରେ ୨୯୪, ୩୨୩, ୩୨୪, ୩୦୭, ୩୪ ଆଇପିସି ଦଫାରେ ୨୧୫/୨୩ରେ ମାମଲା ହୋଇଛି ।



ଗଣ୍ଡଗୋଳ ପରେ ଭଙ୍ଗାରୁଜା ଅବସ୍ଥାରେ ପଡ଼ିଥିବା ପ୍ଲାଷ୍ଟିକ୍ ଚେୟାର୍ ।

### ଖବରଦାତାଙ୍କୁ ପିଟି ଓଲଟା ମାମଲା

ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ଖବରଦାତା ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଖବରଦାତା ଦୀପକ ଦାସ କୁହନ୍ତି, ମୋ ଘର ସମ୍ମୁଖରେ ଗଣେଶ ପୂଜା ହେଉଛି । ଘର ସମ୍ମୁଖରେ ଗଣ୍ଡଗୋଳ ହେବା ଦେଖି ମୁଁ ଘଟଣା ସ୍ଥଳରେ ପହଞ୍ଚି ଖବରଦାତା ହିସାବରେ ଭିଡିଓ ଉତ୍ତୋଳନ କରିଥିଲି । ସାହିର ଲୋକ ହିସାବରେ ମାରପିଟ୍ ନ ହେବାକୁ ଉଭୟ ପକ୍ଷକୁ ବାରଣ କରିଥିଲି । ଏହି ସମୟରେ ଜଣେ ପୋଲିସ କନ୍‌ଷ୍ଟେବଲଙ୍କ ନିର୍ଦ୍ଦେଶରେ୧୬ ନଂ. ୱାର୍ଡର ୪ରୁ ୫ଜଣ ଯୁବକ ମିଳିତ ହୋଇ ମୋତେ ମାରପିଟ୍ କଲେ । ମୋ ଠାରୁ ମୋ ମୋବାଇଲ ଛଡାଇ ନେଲେ । ପରେ ମୋବାଇଲରୁ ଗଣ୍ଡଗୋଳର ଦୃଶ୍ୟକୁ ଡିଲିଟ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋବାଇଲ୍‌କୁ ୧ଘଣ୍ଟା ପରେ ଫେରାଇଲେ । ଏପରିକି ଥାନାରେ ଅଭିଯୋଗ ନ କରିବାକୁ ଅନୁରୋଧ କଲେ । ଜଣେ କାଉନସିଲରଙ୍କ ସ୍ୱାମୀ ପୁଣି ମୋବାଇଲ ଫେରାଇଛନ୍ତି । ମୁଁ ସତ କହୁଛି କି ମିଛି କହୁଛି ମୋ ମୋବାଇଲ ନେଟୱାର୍କକୁ ଯାଞ୍ଚ କଲେ ଘଟଣା ପଦାକୁ ଆସିବ । ପୁଣି ମୁଁ ଯେଉଁ କାଚ ବୋତଲ ଭାଙ୍ଗି ଆକ୍ରମଣ କରିଛି ବୋଲି ଅଭିଯୋଗ ରହିଛି ସେ ଦୋକାନରେ ସିସିଟିଭି ଲାଗିଛି ତାହା ଯାଞ୍ଚ କରାଯାଉ । ମୋତେ ଅଯଥାରେ ଫସାଇ ହଇରାଣ କରା ନ ଯାଉ । ଏହି ଘଟଣାରେ ମୁଁ ସଂପୃକ୍ତ ନ ଥିବାରୁ ମୋତେ ନ୍ୟାୟ ଯୋଇ ଦିଆଯାଉ ବୋଲି ଏସ୍‌ପି ଓ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ଗଣେଶ ପୂଜା ମଣ୍ଡପ ନିକଟରେ ଗଣ୍ଡଗୋଳ, ୨ ଭାଇ ଜେଲ ଗଲେ

**ଓଡଗାଁ,୨୦।୯ (ଆଦର୍ଶ କୁମାର ପଟ୍ଟନାୟକ)**

କୁରାଳ ପାଇକରା ସାହି ଗଣେଶ ପୂଜା ପେଣ୍ଡାଲ ନିକଟରେ ଗଣ୍ଡଗୋଳ ଓ ମାରପିଟ କରିବା ଅଭିଯୋଗରେ ପୋଲିସ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନ ମିଳିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଦୁଇ ଭାଇ କୁରାଳ ଡିଆଡ଼ି ସାହିର ବବୁଲ ବରା ଓ ମିଲୁ ବରା । ଥାନାରେ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଗଣେଶଙ୍କୁ ଆଳତି କରାଯାଉଥିବା ସମୟରେ ଏହି ଦୁଇଭାଇ ପେଣ୍ଡାଲ ନିକଟରେ ମଦ୍ୟପାନ ସହିତ ଗଞ୍ଜେଇ ଖାଉଥିଲେ । କୈଳାସ ଖଟେଇ ଏହାକୁ ବାରଣ କରିଥିଲେ । ଫଳରେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଦୁଇଭାଇ କୈଳାସଙ୍କୁ କାଠ ଫାଳିଆରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ । କୈଳାସଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏନେଇ କୈଳାସଙ୍କ ଭାଇ ଶରତ ଖଟେଇ ବୁଧବାର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୁକ୍ତ ଦୁଇ ଭାଇଙ୍କ ବିରୋଧରେ ଏକ ମାମଲା(ନଂ.୧୯୨/୨୩) ରୁଜୁ କରିବା ସହିତ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ପୂଜକ ସଂଘର ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ



ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରାଯାଉଛି ।

**ନୟାଗଡ଼,୨୦।୯(ଲୋକନାଥ ମିଶ୍ର)**

ଉତ୍କଳ ଶିବଶକ୍ତି ମନ୍ଦିର ପୂଜକ ସଂଘର ନୟାଗଡ଼ ଜିଲା ଶାଖା ପକ୍ଷରୁ ଗଣେଶ ଚତୁର୍ଥୀ ଅବସରରେ ରଣପୁର ବ୍ଲକର ଗୋପାଳପୁରଠାରେ ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ସଂଘର ପ୍ରତିଷ୍ଠାତା ରାଜ୍ୟ ସଭାପତି ଲଳିତ ମହାପାତ୍ରଙ୍କ ପୌରୋହିତ୍ୟରେ ବିଘ୍ନ ବିନାଶନ ଗଜାନନଙ୍କ ପୂଜାର୍ଚ୍ଚନା ଏବଂ ହୋମ ଯଜ୍ଞ କରାଯାଇଥିଲା । ଶୈବ ପୂଜକମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲା ସଭାପତି ଅଶୋକ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶୈବ ପୂଜକ ସୁଧାଂଶୁ ମହାପାତ୍ର ଏହାକୁ ପରିଚାଳନା କରିଥିଲେ । ଗୋପାଳପୁରର ପରମ ଆରାଧ୍ୟ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ପୂଜକମାନେ ଏଥିରେ ସହଯୋଗ କରିଥିଲେ ।

## ୪ ସ୍ଥାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟିଲେ

**ବ୍ରହ୍ମପୁର,୨୦।୯(ସୁବାସ ଚନ୍ଦ୍ର ପାଢ଼ୀ)**

ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ଘଟଣା ବଢିବାରେ ଲାଗିଛି । ପୋଲିସ୍ ରାତ୍ରିକାଳୀନ ପାଟ୍ରୋଲିଂକୁ ଜୋରଦାର କରୁଥିବା କହୁଥିଲେ ମଧ୍ୟ ଚୋରମାନେ ଚ୍ୟାଲେଞ୍ଜ ଦେଇ ଚୋରି କରୁଛନ୍ତି । ସପ୍ତାହକ ମଧ୍ୟରେ ଅନେକ ଚୋରି ଘଟଣା ଘଟିଥିଲେ ମଧ୍ୟ ଥାନାରେ ମାତ୍ର ୪ଟି ଅଭିଯୋଗ ହୋଇଛି । ପୋଲିସ୍ ପୃଥକ ୪ଟି ମାମଲା ରୁଜୁ କରି ତଦନ୍ତ କରୁଛି । ସୂଚନା ଅନୁସାରେ, ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଏକ ଔଷଧ ଦୋକାନରୁ ୧୦ ହଜାର ଟଙ୍କା ଓ ଔଷଧ ଚୋରି ହୋଇଥିବା ନେଇ ଦୋକାନ ମାଲିକ ସଞ୍ଜୟ ବେହେରା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ୪୭୦/୨୩ମାମଲା ରୁଜୁ କରି ତଦନ୍ତ କରୁଛି । ସେହିପରି ଶିବଶକ୍ତି ନଗର ୨ୟ ଲେନରେ ଏକ ନିର୍ମାଣାଧୀନ ଘରୁ କୌଣସି ଦୁର୍ବୃତ୍ତ ପାଣି ପାଇପ୍, ସିସିଟିଭି, ଡିଭିଆର ଆଦି ଚୋରାଇ ନେଇଥିବା ମାଲିକ ଅଯୋଧ୍ୟା ନଗରର ସଙ୍ଗୀତା ବିଷୋୟୀ ଅଭିଯୋଗ କରିଛନ୍ତି । ଏ ନେଇ ୪୬୦/୨୩ରେ ମାମଲା ରୁଜୁ ହୋଇଛି ।

# ଟ୍ରଲିରେ ବୁହାହେଲେ ରୋଗୀ

### କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍

**ନୟାଗଡ,୨୦।୯(ଲୋକନାଥ ମିଶ୍ର)**

ଗୋଟିଏ ଟ୍ରଲିରେ ଜଣେ ରୋଗୀଙ୍କୁ ଶୁଆଇ ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ସନ୍ଧ୍ୟାରେ ଅଣା ଯିବା ପରେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ, ମୋ ସରକାର, ୫-ଟି ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ, ନୟାଗଡ଼ ବିଧାୟକଙ୍କୁ ଟୁଇଟ କରାଯାଇଛି । ଏନେଇ ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲୀପ ବିଶୋଇ କୁହନ୍ତି ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ପାଇଁ ଆମ୍ବୁଲାନ୍ସ ପରେ ଅନେକ କିଛି ସୁବିଧା ଅଛି । ପୁଣି ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି । କିନ୍ତୁ ରୋଗୀ ଟ୍ରଲିରେ ଆସିବା ଘଟଣା ଠିକ୍ ନୁହେଁ କହି ସେ କ୍ଷୋଭ ପ୍ରକାଶ କରିଛନ୍ତି ।



ରୋଗୀଙ୍କୁ ଟ୍ରଲିରେ ଡ଼ାକ୍ତରଖାନା ନିଆଯାଉଛି ।

# ବିଲୁପ୍ତିର ଦ୍ୱାରଦେଶରେ ଭାଗବତ ମୁଣ୍ଡିଆ

**ଖଣ୍ଡପଡ଼ା,୨୦।୯ (ଅଜୟ କୁମାର ମହାରଣା)**

ବିଲୁପ୍ତର ଦ୍ୱାରଦେଶରେ ପହଞ୍ଚିଥିବା ଭାଗବତ ମୁଣ୍ଡିଆର ସୁରକ୍ଷା ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ପରିବେଶବିତ୍ ତଥା ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ ନୟାଗଡ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସଂକ୍ରାନ୍ତରେ ସେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ପରିବେଶ ସୁରକ୍ଷା ପାଇଁ ଜଙ୍ଗଲର ସୁରକ୍ଷା ଜରୁରୀ ଅଟେ । ମାତ୍ର ଆଜିର ମଣିଷ ସମାଜ ନିଜ ଆବଶ୍ୟକତା ପୂରଣ ନିମନ୍ତେ ସବୁବେଳେ ଜଙ୍ଗଲକୁ ଲୁଟ୍ କରିବାରେ ଲାଗି ପଡିଛି । ରାଜସ୍ୱ ବୃଦ୍ଧି ନିମନ୍ତେ ତହସିଲ ପକ୍ଷରୁ ନିଲାମ ଦିଆଯାଉଥିବା ପାହାଡ଼, ଜଙ୍ଗଲକୁ ମଣିଷ ପଦା କରିବାକୁ ବସିଲାଣି । ଅନେକ ପଥର ବ୍ୟବସାୟୀ, ପଥର କ୍ୱାରି ନିଲାମ ନ ନେଇ ମଧ୍ୟ ବିଭିନ୍ନ ନୀତି ନିୟମକୁ ଉଲ୍ଲଂଘନ କରି ପାହାଡରୁ ଚୋରାରେ ପଥର ଲୁଟୁଥିବା ଅଭିଯୋଗ ହେଉଛି । ଏଥିଯୋଗୁ ପୁରାତନ ଯୁଗର କାର୍ତ୍ତିବହନ କରୁଥିବା ଅନେକ ପାହାଡ ଅବକ୍ଷୟର ଦ୍ୱାରଦେଶରେ ପହଞ୍ଚିଲାଣି । ସେଥିମଧ୍ୟରୁ ନୟାଗଡ଼ ଜିଲା କଣ୍ଟିଲୋ ଗ୍ରାମ ନିକଟ ଐତିହ୍ୟସମ୍ପନ୍ନ ଭାଗବତ ମୁଣ୍ଡିଆ ପାହାଡ଼ ନିଜର ସତ୍ତା ହରାଇବାକୁ ବସିଛି ।





ଭାଗବତ ମୁଣ୍ଡିଆରେ ଥିବା ଗୁମ୍ଫା ।

ପ୍ରକାଶ ଯେ, କଣ୍ଟିଲୋ ନୀଳମାଧବ ଜୀଉ ପର୍ଯ୍ୟଟନ କ୍ଷେତ୍ର ନିକଟସ୍ଥ ଭାଗବତ ମୁଣ୍ଡିଆ ଏକ ଆଧାତ୍ମିକ, ସାଂସ୍କୃତିକ ତଥା ସାମାଜିକ ସଦ୍‌ଭାବନାର ସ୍ଥଳୀ । ଭାଗବତ ମୁଣ୍ଡିଆର ଶୀର୍ଷ ଦେଶରେ ଏକ ପଥର ଗୁମ୍ଫାରେ ଭାଗବତ ଠାକୁର ଦୀର୍ଘ ବର୍ଷରୁ ପୂଜା ପାଇ ଆସୁଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଏହି ପାହାଡଟି ଅଞ୍ଚଳବାସୀ ତଥା ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ପ୍ରତିବର୍ଷ ଭାଦ୍ରବ ମାସ ପୂର୍ଣ୍ଣମୀ ତିଥି ଭାଗବତ ଜନ୍ମ ଦିବସରେ ପାହାଡ ଶୀର୍ଷରେ ଠାକୁରଙ୍କ ନିକଟରେ ଆଧାତ୍ମବାଦୀ ମହିଳା ପୁରୁଷମାନେ ଏକାଠି ହୋଇ ପୂଜାର୍ଚ୍ଚନା ସହ ଭାଗବତ ପଠନ କରିଥାନ୍ତି । ସେହିପରି ରଜ ପର୍ବ ସମୟରେ କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ଝିଅପୁଅମାନେ ଘରୁ ମୁଢି, ମୁଆଁ, ଉଖୁଡା, ପିଠା ଆଦି ଧରି ଭାଗବତ ମୁଣ୍ଡିଆ ଓ ଏହି ପାହାଡ ନିକଟରେ ଥିବା ଆମ୍ବ ତୋଟାରେ ଏକାଠି ହୋଇଥାନ୍ତି । ସେଠାରେ ଗଛ ଡାଳରେ ରଜଦୋଳି ଖେଳ, ରଜଗୀତ ଗାଇ ମଜା ଉଠାଇଥାଆନ୍ତି । ଖେଳ ନାଚକୁଦ ପରେ ଘରୁ ନେଇଥିବା ପିଠାପଣା ପରସ୍ପର ମଧ୍ୟରେ ଦିଆନିଆ କରି ଖାଇଥାଆନ୍ତି । ଏହା ଦ୍ୱାରା ଭଉଣୀ ଭାଇ ମଧ୍ୟରେ ଆତ୍ମୀୟତା ଗଢି ଉଠିଥାଏ । ସେହିପରି ବର୍ଷା ଋତୁରେ ବର୍ଷାର ଅଭାବଜନିତ ମରୁଡି ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଏହି ଭାଗବତ ମୁଣ୍ଡିଆରେ ଗିରି ଗୋବର୍ଦ୍ଧନ ଓ ଇନ୍ଦ୍ରପୂଜା କରାଯାଇଥାଏ । ଫଳରେ ପରିବେଶ ସୁରକ୍ଷା ସହିତ ସାମାଜିକ କ୍ଷେତ୍ରରେ ଭାଗବତ ମୁଣ୍ଡିଆର ସ୍ଥିତି ଗୁରୁତ୍ୱ ବହନ କରିଥାଏ । ଏହାଛଡା ଏହି ପାହାଡକୁ ଲାଗି 'ସେରେଣ୍ଡା' ନାମକ ଏକ ବିରାଟ ପଥର ରହିଛି । ଏହି ପଥରରେ ଥିବା ଏକ ଖାଲରେ ବର୍ଷା ଦିନରେ ଜମା ହୋଇ ରହୁଥିବା ପାଣିକୁ ଜଙ୍ଗଲର ଜୀବଜନ୍ତୁ ସହିତ ଅନେକ ସମୟରେ ତୃଷାର୍ତ୍ତ ମଣିଷ ମଧ୍ୟ ବାଧ୍ୟ ହୋଇ ତୃଷ୍ଣା ମେଣ୍ଟାଉଥିଲା । ମାତ୍ର ପରିତାପର ବିଷୟ ବର୍ତ୍ତମାନ ପଥର ବ୍ୟବସାୟୀମାନେ ରାଜସ୍ୱ ବିଭାଗ ପକ୍ଷରୁ କ୍ୱାରି ନିଲାମ ନେଇ ସଂପୃକ୍ତ ପାହାଡରୁ ପଥର ଚାଲାଣ କରିବା ସହିତ ଜାଳକାଠ ପାଇଁ ପାହାଡରେ ଥିବା ଗଛ ସବୁକୁ ଲୋକେ କାଟି ନେଉଛନ୍ତି । ଫଳରେ ଜଙ୍ଗଲର ଦ୍ରୁତ ଅବକ୍ଷୟ ସାଙ୍ଗକୁ ଆସ୍ତେ ଆସ୍ତେ ଜଙ୍ଗଲ ପାହାଡରୁ ପଥର,ମୋରମ କମିବାରେ ଲାଗିଛି । ଏହି ମୁଣ୍ଡିଆରୁ ବର୍ଷବର୍ଷ ଧରି ଲଘୁ ଖଣିଜ ସମ୍ପଦ ଲୁଟ ହେବାରେ ଲାଗିଛି । ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀମାନେ ଟ୍ରାକ୍ଟର ଯୋଗେ ପଥର, ମୋରମ ଆଦି ଆଖପାଖ ଅଞ୍ଚଳକୁ ଚୋରାରେ ଚାଲାଣ କରୁଥିବା ଅଭିଯୋଗ ହେଉଛି । ସେମାନଙ୍କ ଲୋଲୁପ ଦୃଷ୍ଟି ଉକ୍ତ ମୁଣ୍ଡିଆ ଉପରେ ପଡିବା ପରେ ସମୟାନୁକ୍ରମେ ଏହା ଶ୍ରୀହୀନ ହୋଇଯାଇଥିବା ପରିଲକ୍ଷିତ ହେଉଛି । ଐତିହାସିକ ଭାଗବତ ମୁଣ୍ଡିଆର ସୁରକ୍ଷା ଦିଗରେ ତହସିଲ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ବେଳେ ପ୍ରଶାସନିକ ଉଦାସୀନତାର ସୁଯୋଗ ନେଇ ଏହି ଚୋରାବ୍ୟବସାୟୀମାନେ ମୁଣ୍ଡିଆରୁ ଅବାଧରେ ଖଣିଜ ସମ୍ପଦ ଲୁଟି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି ।

# ଏସିଆନ ଗେମ୍ସ ଫୁଟ୍‌ବଲ: ଭାରତ ଆଜି ବାଂଲାଦେଶକୁ ଭେଟିବ

**ହାଙ୍ଗଝୋ, ୨୦।୯ (ପି.ଟି.)**

ଏସିଆନ ଗେମ୍ସ ପୁରୁଷ ଫୁଟ୍‌ବଲ ଇଭେଣ୍ଟରେ ନିଜର ପ୍ରଥମ ଗ୍ରୁପ୍ ମ୍ୟାଚ ହାରିଥିବା ଭାରତ ଗୁରୁବାର ଦ୍ୱିତୀୟ ମ୍ୟାଚରେ ବାଂଲାଦେଶକୁ ଭେଟିବ। ବିନା ଅଭ୍ୟାସ ଓ ଟ୍ରେନିଂ ସେସନରେ ପଡ଼ିଆକୁ ଓହ୍ଲାଇଥିବା ଭାରତ ଆୟୋଜକ ଚାଇନାଠାରୁ ୧-୫ ଗୋଲରେ ହାରି ଯାଇଥିଲା। ତେଣୁ ପ୍ରତିଯୋଗିତାରେ ତିଷ୍ଠି ରହିବାକୁ ହେଲେ ବାଂଲାଦେଶ ବିପକ୍ଷରେ ଦଳକୁ ନିଶ୍ଚିତ ବିଜୟ ଆବଶ୍ୟକ ହେବ। ଏଠାରେ ସୋମବାର ସନ୍ଧ୍ୟାରେ ପହଞ୍ଚିଥିବା ଭାରତୀୟ ଦଳ ପର୍ଯ୍ୟାପ୍ତ ବିଶ୍ରାମ ବିନା ଚାଇନାକୁ ଭେଟିଥିଲା। ପଡ଼ିଆରେ ଖେଳାଳିଙ୍କ ଶାରୀରିକ ଭାଷାରେ ଏହା ପ୍ରତିଫଳିତ ହୋଇଥିଲା। ଗୋଟିଏ ଦିନ ବିଶ୍ରାମ ପରେ ଦଳ ପୁଣି ବାଂଲାଦେଶକୁ ଭେଟିବାକୁ ଯାଉଛି। ନକ୍‌ଆଉଟ ଆଶା ଉଜ୍ଜୀବିତ ରଖିବାକୁ ହେଲେ ଇଗର ଷ୍ଟିମାକଙ୍କ ଦଳକୁ ବାଂଲାଦେଶ ବିପକ୍ଷରେ ବିଜୟୀ ହେବାକୁ ପଡ଼ିବ। ପରାଜିତ ହେଲେ ଦଳର ନକ୍‌ଆଉଟ ପ୍ରବେଶ ଆଶା ଶେଷ ହେବନାହିଁ। ମାତ୍ର ଅନିଶ୍ଚିତତା ମଧ୍ୟରେ ଅନ୍ୟ ଦଳଗୁଡ଼ିକର ଫଳାଫଳକୁ ଅପେକ୍ଷା କରିବାକୁ ପଡ଼ିବ। କାରଣ ଟୁର୍ନାମେଣ୍ଟ ଫର୍ମାଟ ଅନୁସାରେ ୬ ଗ୍ରୁପ୍‌ରୁ ଶ୍ରେଷ୍ଠ ୨ଟି ଲେଖାଏ ଦଳ ସିଧାସଳଖ ନକ୍‌ଆଉଟରେ ପ୍ରବେଶ କରିବେ। ଶ୍ରେଷ୍ଠ ତୃତୀୟ ସ୍ଥାନୀୟ ଦଳକୁ ନେଇ ଅବଶିଷ୍ଟ ୪ଟି ସ୍ଥାନ ପୂରଣ ହେବ। ଯେ କୌଣସି ସ୍ତରୀୟ ମୁକାବିଲାରେ ବାଂଲାଦେଶ କେବେହେଲେ ଭାରତ ପାଇଁ ସହଜ ପ୍ରତିଦ୍ୱନ୍ଦ୍ୱୀ ହୋଇନାହିଁ। ଏହି ଦଳ ପ୍ରଥମ ମ୍ୟାଚରେ ମ୍ୟାନମାରଠାରୁ ୦-୧ ଗୋଲରେ ହାରି ଯାଇଥିବାରୁ ନିଶ୍ଚିତ ବିଜୟୀ ହେବାକୁ ଚେଷ୍ଟା କରିବ। ତେଣୁ ମ୍ୟାଚ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ। ଭିଜା ସମସ୍ୟା କାରଣରୁ ଭାରତୀୟ ଡିଫେଣ୍ଡର କୋନସାମ ଚିଙ୍ଗଲେନସାନା ସିଂ ବିଳମ୍ବରେ ଚାଇନାରେ ପହଞ୍ଚିଛନ୍ତି। ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଏକ୍ସପ୍ରେସ୍ ଭିଜା ବ୍ୟବସ୍ଥା କରିବାରୁ ଏହା ସମ୍ଭବ ହୋଇଛି। ତାଙ୍କ ଉପସ୍ଥିତିରେ ଦଳର ଶକ୍ତି ବୃଦ୍ଧି ପାଇଛି। ଚାଇନା ବିପକ୍ଷରେ ପରାଜୟ ପରେ କୋଚ୍ ଷ୍ଟିମାକ୍ କହିଥିଲେ ଯେ, ଆମେ ଏଠାରେ ତୃତୀୟ କିମ୍ବା ଚତୁର୍ଥ ପସନ୍ଦର ଦଳକୁ ନେଇ ଖେଳୁଛୁ। ମୋ ଶ୍ରେଷ୍ଠ ଦଳକୁ ନେଇ ଖେଳିଥିଲେ ଫଳାଫଳ ବିପରୀତ ହୋଇଥାନ୍ତା। ମାତ୍ର ଏଠାରେ ଖେଳୁଥିବା ସମସ୍ତ ଖେଳାଳି ଜଣେ ଜଣେ ହିରୋ। ଭ୍ରମଣଜନିତ ସମସ୍ୟା, ବିଳମ୍ବରେ ପହଞ୍ଚିବା, ପର୍ଯ୍ୟାପ୍ତ ବିଶ୍ରାମ ଅଭାବ ଖେଳାଳିଙ୍କ ପ୍ରଦର୍ଶନରେ ପ୍ରତିଫଳିତ ହୋଇଥିଲା।

**ଟି୨୦ ବିଶ୍ୱକପ୍ ଭେନ୍ୟୁ ଚୂଡ଼ାନ୍ତ**

# ନ୍ୟୁୟର୍କ, ଡଲାସ, ଫ୍ଲୋରିଡାରେ ମ୍ୟାଚ୍

**ଦୁବାଇ, ୨୦।୯ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ବୁଧବାର ଟି୨୦ ବିଶ୍ୱକପ୍ ୨୦୨୪ ପାଇଁ ଭେନ୍ୟୁ ଚୂଡ଼ାନ୍ତ କରାଯାଇଛି। ଆମେରିକାର ନ୍ୟୁୟର୍କ, ଡଲାସ ଓ ଫ୍ଲୋରିଡାରେ ସମସ୍ତ ମ୍ୟାଚ୍ ଖେଳାଯିବ ବୋଲି ଘୋଷଣା କରାଯାଇଛି। ଫ୍ଲୋରିଡାର ବ୍ରୋୱାର୍ଡ କାଉଣ୍ଟି, ଡଲାସର ଗ୍ରାଣ୍ଡ ପ୍ରେଇରେ ଓ ନ୍ୟୁୟର୍କର ଏଇସେନ୍‌ଆୱାର ପାର୍କରେ ଆମେରିକା ଚରଣର ସମସ୍ତ ମ୍ୟାଚ ଖେଳାଯିବ। ୨୦୨୪ରେ ୱେଷ୍ଟଇଣ୍ଡିଜ ଓ ଆମେରିକା ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ କରିବେ। ୨୦୨୧ ମସିହାରେ ଆମେରିକାରେ ବିଶ୍ୱକପ୍ ହେବା ନେଇ ଆଇସିସି ପକ୍ଷରୁ ଘୋଷଣା କରାଯାଇଥିଲା। ବିଭିନ୍ନ ମାନକକୁ ଧ୍ୟାନରେ ରଖି ବିଚାର କରାଯିବା ପରେ ଏହି ୩ ଭେନ୍ୟୁକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା ଆଇସିସି ପରିଚାଳନା ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଓଫ୍ ଆଲାର୍ଡିସ୍ ପ୍ରକାଶ କରିଛନ୍ତି। ପ୍ରଥମ ଥର ପାଇଁ ଆମେରିକାରେ ଆଇସିସିର କୌଣସି ମେଗା ଇଭେଣ୍ଟ ଆୟୋଜିତ ହେବାକୁ ଯାଉଥିବା ବେଳେ ୨୦ ଦଳ ଏଥିରେ ଅଂଶଗ୍ରହଣ କରିବେ।

























Your classified advertisement published in Dharitri will be listed free in Dharitri online edition : www.dharitri.com













See Career Appointment on every Wednesday & Saturday


















